ବର୍ଷ-୨୬, ସଂଖ୍ୟା-୨୩୫
ଭୁବନେଶ୍ୱର
ଅଗଷ୍ଟ ୩୧, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 235
Bhubaneswar
August, 31 2026, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

### ୧୩୭ ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

## ରାଷ୍ଟ୍ର ନିର୍ମାଣ ଓ ଯୁବଶକ୍ତି ପାଇଁ ଅସରନ୍ତି ପ୍ରେରଣାର ଉତ୍ସ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୮(ମହାଭାରତ): ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୭ ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱରର ନୟାପଲ୍ଲୀସ୍ଥିତ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନକୁ ଦେଶବାସୀଙ୍କ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ ଭାବେ କହିଛନ୍ତି ।




ମନ୍ କି ବାତ୍ କାର୍ଯ୍ୟକ୍ରମ ଦେଖିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ଓଡ଼ିଶାକୁ ଯଥେଷ୍ଟ ଗୁରୁତ୍ୱ ମିଳିଛି । ଓଡ଼ିଶାର ଇତିହାସ, ପ୍ରାକୃତିକ ପରିବେଶ, କଳା ଓ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ଓଡ଼ିଆ ଲୋକଙ୍କ ଉଦ୍ୟମକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖକୁ ଆଣିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ସ୍ପଟ୍ ଲାଇଟ ସେମାନଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରୋତ୍ସାହିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।

ଆଜିର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଓଡ଼ିଶାର ଐତିହ୍ୟ ଓ ଜନଶକ୍ତିର ଉଲ୍ଲେଖ ଦେଖିବାକୁ ମିଳିଛି । ଆଜିର ମନ୍ କି ବାତ୍ ରେ ମୁମ୍ବାଇର କୃଷ୍ଣା ଶେଷାଦ୍ରି ପ୍ରଧାନମନ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେଇ ଓଡ଼ିଶାର ପ୍ରସିଦ୍ଧ ଭୌମକର ବଂଶର ରାଣୀ ତ୍ରିଭୁବନ ମହାଦେବୀଙ୍କ ପରି ଐତିହାସିକ ଚରିତ୍ର ସହ କଥା ହେବାର ଇଚ୍ଛା ପ୍ରକାଶ କରିଛନ୍ତି । ଏହାଦ୍ୱାରା ଓଡ଼ିଶାର ଗୌରବମୟ ଇତିହାସ ଜାତୀୟ ସ୍ତରରେ ପୁନର୍ଜୀବିତ ହୋଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏଥିସହିତ, ଦେବ୍ରୀଗଡ଼ ଅଭୟାରଣ୍ୟ ନିକଟସ୍ଥ ଧୋଡ୍ରୋକୁସୁମ ଗ୍ରାମର ମୈଥିଳୀ ଭୂଏଙ୍କ ଭଳି ଗ୍ରାମୀଣ ମହିଳାମାନଙ୍କ ପରିବେଶ ସୁରକ୍ଷା ଓ ଆତ୍ମନିର୍ଭରଶୀଳତାର କାହାଣୀ ସମସ୍ତଙ୍କ ପାଇଁ ଉଦାହରଣ ସାଜିଛି । ପୂର୍ବରୁ ଜଙ୍ଗଲ ଉପରେ ନିର୍ଭରଶୀଳ ଥିବା ମୈଥିଳୀ ଆଜି ଇକୋ-ଟୁରିଜିମ୍ ସହ ଯୋଡ଼ିହୋଇ ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ଅଛନ୍ତି ଏବଂ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଜି ପ୍ରାୟ ୬୦ ଜଣ ମହିଳା ଏହି ସ୍ୱାବଲମ୍ବନ ଆଭିମୁଖ୍ୟ ଗ୍ରହଣ କରିଛନ୍ତି ।

ସେ ଆହୁରି କହିଛନ୍ତି ଯେ ବିଭିନ୍ନ କ୍ଷେତ୍ରରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ସଫଳତା ହାସଲ କରୁଥିବା ଆମର ଯୁବବର୍ଗ ଅନେକ ସମୟରେ ଜାତୀୟ ସ୍ତରରେ ଲୋକଲୋଚନକୁ ଆସିପାରି ନଥାନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେମାନଙ୍କର ଏହି ନିଷ୍ଠାପର ଉଦ୍ୟମ, ତ୍ୟାଗ ଓ ସଫଳତାକୁ ସାଉଁଟି ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି, ଯାହା ସମଗ୍ର ସମାଜ ପାଇଁ ଏକ ନୂତନ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରୁଛି ।

ଆତ୍ମ ନିର୍ଭର ଭାରତ ଗଠନ ପାଇଁ ଯୁବଶକ୍ତିର ସକ୍ରିୟ ସହଯୋଗ ଓ ସଠିକ୍ ମାର୍ଗଦର୍ଶନ ଅତ୍ୟନ୍ତ ଆବଶ୍ୟକ । ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକ କାର୍ଯ୍ୟ, ବକ୍ତବ୍ୟ ଓ ଚିନ୍ତାଧାରା କେବଳ ରାଷ୍ଟ୍ର ନିର୍ମାଣ ଉଦ୍ଦେଶ୍ୟରେ ସମର୍ପିତ । ଯୁବ ପ୍ରତିଭାମାନଙ୍କୁ ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରି ସେ ସେମାନଙ୍କୁ ବିକଶିତ ଭାରତ ନିର୍ମାଣରେ ଭାଗିଦାର ହେବାକୁ ଉତ୍ସାହିତ କରୁଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଦେଖାଇଥିବା ବିକାଶ ଓ ସ୍ୱାବଲମ୍ବନର ମାର୍ଗରେ ଅଗ୍ରସର ହୋଇ ଏକ ଆତ୍ମନିର୍ଭର ଅଥା ବିକଶିତ ଭାରତ ଗଠନ ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମସ୍ତ ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି ।

## ପହିଲାରୁ ଆରମ୍ଭ ହେବ 'ସମ୍ବନ୍ଧ'

ଭୁବନେଶ୍ୱର,୩୦।୮(ମହାଭାରତ): ଓଡ଼ିଶା ରାଜ୍ୟ ସମବାୟ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି । ଆସନ୍ତା ମଙ୍ଗଳବାର ଅର୍ଥାତ୍ ସେପ୍ଟେମ୍ବର ୧ ତାରିଖରେ ରାଜ୍ୟର ସମବାୟ କ୍ଷେତ୍ରର ସମ୍ପ୍ରସାରଣ ପାଇଁ ଏକ ମେଗା ସମବାୟ ସଦସ୍ୟତା ଅଭିଯାନ "ସମ୍ବନ୍ଧ"ର ଶୁଭାରମ୍ଭ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଶୁଭାରମ୍ଭ କରିବେ ।

ମେଗା ସଦସ୍ୟତା ଅଭିଯାନ 'ସମ୍ବନ୍ଧ' ଆରମ୍ଭ କରାଯିବା ସହ ଡିଜିଟାଲ ମାଧ୍ୟମରେ ସଦସ୍ୟତା ପଞ୍ଜୀକରଣକୁ ସହଜ ଓ ସ୍ୱଚ୍ଛ କରିବା ପାଇଁ ନୂତନ ମୋବାଇଲ ଆପ୍ଲିକେସନ୍‌ର ଶୁଭାରମ୍ଭ ହେବ । "ସମ୍ବନ୍ଧ" ମାଧ୍ୟମରେ ସମବାୟ ବିଭାଗ ଗ୍ରାମାଞ୍ଚଳର ସମସ୍ତ ଘରୁ ଅତିକମରେ ଜଣଙ୍କୁ ସଦସ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି । ଯାହାକି ସମବାୟ ସେବାକୁ ସମସ୍ତ ଘରେ ଘରେ ପହଞ୍ଚାଇବାର ପଥ ସୁଗମ କରିବ ଓ ଗ୍ରାମୀଣ ଜୀବନ ଶୈଳୀକୁ ସହଜ ଓ ଉନ୍ନତ କରିବାରେ ସହାୟ ହେବ । ଏହି ଅବସରରେ ସମବାୟ କ୍ଷେତ୍ରରେ ଏକାଧିକ ପ୍ରକଳ୍ପର ଶୁଭାରମ୍ଭ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ।

ଏହା ସହିତ ଓଡ଼ିଶା ସମବାୟ ଇତିହାସରେ ପ୍ରଥମ ଥର ପାଇଁ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ ବୃହଦାକାର ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପ୍ସ) ଗୁଡ଼ିକ ଚାଷୀ ସଦସ୍ୟମାନଙ୍କୁ ଲାଭାଂଶ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ପର୍ଯ୍ୟାୟରେ ୧୮୦ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସର ପାଖାପାଖି ୩ ଲକ୍ଷରୁ ଅଧିକ ହିତାଧିକାରୀ ୧୪ କୋଟି ଟଙ୍କା ଲାଭାଂଶ ପାଇବେ । ସେହିପରି ରାଜ୍ୟ ସରକାର ମଧ୍ୟ ଅଂଶୀଦାର ଭାବରେ ୪ କୋଟି ୨୨ ଲକ୍ଷ ଟଙ୍କା ପାଇବେ, ଯାହା ପୁନର୍ବାର ସମବାୟ କ୍ଷେତ୍ରର ବିକାଶ ପାଇଁ ବିନିଯୋଗ ହେବ ।

ଗ୍ରାମାଞ୍ଚଳର ଅର୍ଥନୀତିକୁ ସୁଦୃଢ କରିବା ଦିଗରେ ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବର୍ତ୍ତମାନ ୭୬ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଭାବେ କାର୍ଯ୍ୟ କରୁଥିବା ବେଳେ ୧ତାରିଖ ଦିନ ଆଭାଷୀ ମାଧ୍ୟମରେ ଆଉ ୨୧ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସରେ ନୂତନ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ କରାଯିବ । କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଯେପରି କମ ମୂଲ୍ୟରେ ଭଡ଼ା ସୂତ୍ରରେ ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରି ଚାଷକାର୍ଯ୍ୟ କରିପାରିବେ, ସେଥିପାଇଁ ପ୍ୟାକ୍ସ ଓ ଲ୍ୟାମ୍ପ୍ସଗୁଡ଼ିକୁ କୃଷି ସେବା କେନ୍ଦ୍ର ରୂପେ ବିକଶିତ କରାଯାଉଛି ଏବଂ ଏଭଳି ୫୦ଟି କୃଷି ସେବା କେନ୍ଦ୍ରର ଶୁଭାରମ୍ଭ ହେବ । ଏହା ସହିତ ଗ୍ରାମାଞ୍ଚଳର ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ଦ୍ରବ୍ୟ ଯୋଗାଇଦେବା ପାଇଁ ୪୬ଟି ଖାଉଟି କେନ୍ଦ୍ର ଏବଂ ଗ୍ରାମାଞ୍ଚଳର ଲୋକମାନଙ୍କୁ ବିଭିନ୍ନ ଅତ୍ୟାବଶ୍ୟକ ସରକାରୀ ଓ ବେସରକାରୀ ସେବା ସହଜରେ ଯୋଗାଇଦେବା ଉଦ୍ଦେଶ୍ୟରେ ୨୦୦ଟି ଜନସେବା କେନ୍ଦ୍ରର ମଧ୍ୟ ଶୁଭାରମ୍ଭ କରାଯିବ । ସ୍ୱଚ୍ଛତା ଓ କ୍ଷମତା ବୃଦ୍ଧି ପାଇଁ ପ୍ୟାକ୍ସଗୁଡିକୁ ଜାତୀୟ ପ୍ୟାକ୍ସ କମ୍ପ୍ୟୁଟରାଇଜେସନ ସଫ୍ଟୱେର୍ (ଘଖଚଝ)ରେ ସାମିଲ କରାଯାଉଥିବା ବେଳେ ୨୦୦ଟି ପ୍ୟାକ୍ସକୁ ମଙ୍ଗଳବାର ଏଥିରେ ସାମିଲ କରାଯିବ । ଅବଶିଷ୍ଟ ସମସ୍ତ ସମିତି ପାଇଁ ଏହି ପ୍ରକ୍ରିୟା ଜାରି ରହିଛି ଓ ଏହା ଆର୍ଥିକ ବର୍ଷ ଶେଷ ସୁଦ୍ଧା ପୂରଣ ହେବ ।

ରାଜ୍ୟର ସମସ୍ତ ଜିଲ୍ଲାରେ ଉନ୍ନତ ଭିତ୍ତିଭୂମି ଥିବା ୧୦୦ଟି ମଡେଲ ମଣ୍ଡି ସ୍ଥାପିତ ହେବ । ପ୍ରଥମ ପର୍ଯ୍ୟାୟରେ କ୍ୟାବିନେଟ୍‌ରେ ଅନୁମୋଦିତ ହୋଇଥିବା ୩୮ଟି ମଡେଲ ମଣ୍ଡି ମଧ୍ୟରୁ ମଙ୍ଗଳବାର ଦିନ କଟକରେ ୨ଟି, ଖୋର୍ଦ୍ଧାରେ ୧ଟି ଏବଂ ପୁରୀରେ ୧ଟି ସମେତ ମୋଟ ୪ଟି ମଡେଲ ମଣ୍ଡିର ଭିତ୍ତିପ୍ରସ୍ତର ଆଭାଷୀ ମାଧ୍ୟମରେ ସ୍ଥାପନ କରାଯିବ । ଅବଶିଷ୍ଟ ମଣ୍ଡି ପାଇଁ ସ୍ଥାନ ଚିହ୍ନଟ ସହ ଡିପିଆର ମଧ୍ୟ ଚୂଡାନ୍ତ ସରିଛି । ଏହା ବ୍ୟତୀତ, କେନ୍ଦ୍ର ସରକାରଙ୍କ ସମବାୟ ବିଭାଗର 'ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନା' ଅଧୀନରେ ପ୍ରଥମ ଦଫାରେ ନିର୍ମାଣ ହେବାକୁ ଥିବା ୧୯ଟି ଗୋଦାମ ମଧ୍ୟରୁ ୩ଟିର ଭିତ୍ତିପ୍ରସ୍ତର ସ୍ଥାପନ ହେବ । ଗତ ମାର୍ଚ୍ଚ ମାସରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହ ଓଡିଶା ଗସ୍ତ ଅବସରରେ ୧୨ଟିର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାସହିତ ରାଜ୍ୟ ପଣ୍ୟାଗାର ନିଗମ ରେ ୩୦ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ମଧ୍ୟ ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ ।

## ଉଜବେକିସ୍ତାନ ସହିତ ଆମର ସମ୍ପର୍କ ଗଭୀର ବନ୍ଧୁତାକୁ ପ୍ରତିଫଳିତ କରୁଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ:୩୦।୮(ଏଜେନ୍ସି): ଉଜବେକିସ୍ତାନ ରାଷ୍ଟ୍ରପତିଙ୍କ ସହ ମିଳିତ ପ୍ରେସ୍ ? ବିବୃତ୍ତି ଜାରି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ତାସକେଣ୍ଟରେ ମୋତେ ଏବଂ ମୋର ପ୍ରତିନିଧିମଣ୍ଡଳକୁ ଯେଉଁ ଉଷ୍ମ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସ୍ୱାଗତ କରାଯାଇଥିଲା, ସେଥିପାଇଁ ମୁଁ ରାଷ୍ଟ୍ରପତି ଏବଂ ଉଜବେକିସ୍ତାନର




ଜନସାଧାରଣଙ୍କୁ ହୃଦୟର ସହିତ କୃତଜ୍ଞତା ଜଣାଉଛି । ଏହା ଉଜବେକିସ୍ତାନକୁ ମୋର ଚତୁର୍ଥ ଗସ୍ତ । ଏହା ଆମର ସମ୍ପର୍କର ନିବିଡ଼ତା, ଆମର ଆପୋସ ସମନ୍ୱୟ ଏବଂ ଆମର ଗଭୀର ବନ୍ଧୁତାକୁ ପ୍ରତିଫଳିତ କରେ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଁ ପ୍ରାୟ ଏକ ଦଶନ୍ଧି ଧରି ରାଷ୍ଟ୍ରପତିଙ୍କ ସହିତ କାମ କରିବାର ସୌଭାଗ୍ୟ ପାଇଛି । ଏହି ସମୟ ମଧ୍ୟରେ, ମୁଁ ତାଙ୍କୁ ଦଶ ଥରରୁ ଅଧିକ ଥର ଭେଟିବାର ସୁଯୋଗ ପାଇଛି । ତାଙ୍କର ସକାରାତ୍ମକ ଓ ଦୂରଦୃଷ୍ଟିପୂର୍ଣ୍ଣ ଦୃଷ୍ଟିକୋଣ ଏବଂ ନିରନ୍ତର ଶିକ୍ଷାର ମନୋଭାବ ପ୍ରକୃତରେ ପ୍ରେରଣାଦାୟକ । ଭାରତ ପ୍ରତି ତାଙ୍କର ଗଭୀର ବନ୍ଧୁତା ତଥା ଅଟଳ ପ୍ରତିବଦ୍ଧତା ପାଇଁ ମୁଁ ତାଙ୍କୁ ହୃଦୟର ସହିତ ଅଭିନନ୍ଦନ ଜଣାଉଛି । ଉଜବେକିସ୍ତାନ ମଧ୍ୟ ଏସିଆର କେନ୍ଦ୍ରରେ ଅବସ୍ଥିତ ଏବଂ ଏହି କ୍ଷେତ୍ର ସହ ଭାରତର ସମ୍ପର୍କର କେନ୍ଦ୍ରରେ ମଧ୍ୟ ଏହା ରହିଛି । ଭାରତ ଓ ଉଜବେକିସ୍ତାନର ଦୃଷ୍ଟିକୋଣ ଏବଂ ଆକାଂକ୍ଷାରେ ଗଭୀର ସମାନତା ରହିଛି । ଯୁବପିଢ଼ି, ନବସୃଜନ, ସମାବେଶୀ ଅଭିବୃଦ୍ଧି ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟା 'ୟାଙ୍ଗି ଉଜବେକିସ୍ତାନ' ଏବଂ 'ବିକଶିତ ଭାରତ ୨୦୪୭' ଉଭୟର ମୂଳରେ ରହିଛି । ଏହି ସମାନ ଦୃଷ୍ଟିକୋଣକୁ ଅନୁସରଣ କରି ଆମେ ଉଭୟ ଦେଶର ଲୋକଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରୁଛୁ ।

## ବିଧାୟକଙ୍କ ଦରମା ବୃଦ୍ଧି ନେଇ ଆଲୋଚନା

ଭୁବନେଶ୍ୱର: ବିଧାୟକଙ୍କ ଦରମା, ଭତ୍ତା ଆଦି ବୃଦ୍ଧି ପାଇବା ନେଇ ରାଜ୍ୟ ବିଧାନସଭାରେ ପ୍ରସ୍ତାବ ଆସିଥିଲା । କିନ୍ତୁ ବିରୋଧୀ ଦଳ ଓ ରାଜ୍ୟର ବିଭିନ୍ନ ମହଲରୁ ବିରୋଧ ଏବଂ ସମାଲୋଚନା ହେବା ପରେ ଏହା ଅଟକିଯାଇଥିଲା । ବର୍ତ୍ତମାନ ପୁଣି ଏନେଇ ଆଶା ଉଜ୍ଜ୍ୱଳ ହୋଇଛି । ଆଜି ଦରମା ଓ ଭତ୍ତା ସମ୍ପର୍କିତ ସଂସଦୀୟ ଯୁଗ୍ମ କମିଟି ଭୁବନେଶ୍ୱର ଗସ୍ତରେ ଆଜି ବିଧାନସଭା ବାଚସ୍ପତି ଓ



ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି ।

ଆଜି (ରବିବାର) ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଏବଂ ଅନ୍ୟ ଅଧିକାରୀଙ୍କ ସହ ପୃଥକ ପୃଥକ ଭାବେ ଆଲୋଚନା କରିଛନ୍ତି । ଏଥିରେ ସେମାନେ ଓଡିଶା ବିଧାନସଭାର ସଦସ୍ୟମାନଙ୍କର ଦରମା ଓ ଅନ୍ୟାନ୍ୟ ଭତ୍ତା ସହ ପୂର୍ବତନ ବିଧାୟକମାନଙ୍କର ପେନ୍‌ସନ୍ ଓ ଭତ୍ତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି ।ଏହି ଅବସରରେ ଓଡିଶାର ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କ ପାଇଁ ସଂସଦ ଓ ଅନ୍ୟ ରାଜ୍ୟର ବିଧାୟକମାନଙ୍କ ଦରମା, ଭତ୍ତା ଓ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ମଧ୍ୟ ତୁଳନାତ୍ମକ ବିବରଣୀ ଉପସ୍ଥାପନ କରିବା ସହ ରାଜ୍ୟର ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କୁ ମିଳୁଥିବା ଦରମା ଓ ଭତ୍ତାର ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଯୁଗ୍ମ କମିଟି ଅନୁଭବ କରିଥିଲେ ।ସଂସଦୀୟ ଯୁଗ୍ମ କମିଟିର ଅଧ୍ୟକ୍ଷ ସାଂସଦ ବୀରେନ୍ଦ୍ର ପ୍ରସାଦ ବୈଶ୍ୟଙ୍କ ସମେତ ସାଂସଦ ବିଜୟ କୁମାର ଦୁବେ, ବୀଣା ଦେବୀ, କେ. ଗୋପୀନାଥ, ବାବୁ ସିଂହ କୁଶୱାହା, ରିଚାର୍ଡ ବାନଲାଲହମଂଗଇହାଙ୍କ ସହ ସଂସଦର ନିର୍ଦ୍ଦେଶକ ଭଟ୍ଟଶାଳା ଯୋଷୀ ପ୍ରମୁଖ ଭୁବନେଶ୍ୱର ଗସ୍ତରେ ଆସିଛନ୍ତି ।

## ଚିହ୍ନଟ ହୋଇପାରିନଥିବା ଶବଗୁଡିକୁ ପୋତିଦେବ ନେପାଳ

ନୂଆଦିଲ୍ଲୀ,୩୦।୮(ଏଜେନ୍ସି): ନେପାଳ ଜଳ ପ୍ରଳୟରେ ରବିବାର ମୃତକଙ୍କ ସଂଖ୍ୟା ୭୩୪କୁ ବୃଦ୍ଧି ପାଇଥିବା ବେଳେ ଆହୁରି ୨୫୦୦ରୁ ଅଧିକ ନିଖୋଜ ଅଛନ୍ତି । ଦିନ ବଢ଼ିବା ସହିତ ଓ ଉଦ୍ଧାର କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହେବ ସହିତ ମୃତଦେହ ସଂଖ୍ୟା ବୃଦ୍ଧି ପାଇ ଚାଲିଛି । ତା ସହିତ ଅଧିକରୁ ଅଧିକ ନେପାଳୀ ନିଖୋଜ ଥିବାର ଅଭିଯୋଗ ଆସୁଛି । ନିଖୋଜଙ୍କ ମଧ୍ୟରେ ଭାରତ ସମେତ ଅନ୍ୟ କିଛି ଦେଶର ପର୍ଯ୍ୟଟକ ରହିଛନ୍ତି । ନିଖୋଜ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୫୧୭ରେ ସ୍ଥିର ରହିଥିବା କୁହାଯାଉଥିବା ବେଳେ ଉଦ୍ଧାର କରାଯାଇଥିବା ଅଚିହ୍ନା ଓ ଦାବିଦାର ନଥିବା ଶବଗୁଡ଼ିକୁ ଏହି ସପ୍ତାହରୁ ପୋତିବା ଆରମ୍ଭ କରିବ ବୋଲି ନେପାଳ କହିଛି । ସଂକ୍ରମଣର ଆଶଙ୍କା ଏବଂ ମୃତଦେହଗୁଡ଼ିକର ସ୍ଥିତି ବିଗିଡ଼ିବାରେ ଲାଗିଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି ।ଆକସ୍ମିକ ବନ୍ୟା ପ୍ରଭାବିତ ବିଭିନ୍ନ ଗାଁ ଓ ସହରଗୁଡ଼ିକରୁ ଏହି ମୃତଦେହଗୁଡ଼ିକୁ ଉଦ୍ଧାର କରାଯାଇଛି । ଏଯାବତ୍ ସର୍ବାଧିକ ୨୩୩ ମୃତଦେହ ମିଳିଛି ଚିତ୍‌ୱାନ୍ ଜିଲ୍ଲାରେ ।



ଡାକ୍ତରଖାନାଗୁଡ଼ିକରେ ପର୍ଯ୍ୟାପ୍ତ ସ୍ଥାନ ଓ ସୁବିଧାର ଅଭାବ ହେତୁ ମୃତଦେହଗୁଡ଼ିକୁ ପଚିବାରୁ ରୋକିବା ପାଇଁ ଚିତ୍‌ୱାନ୍ ଜିଲ୍ଲା ପ୍ରଶାସନକୁ ସଂଘର୍ଷ କରିବାକୁ ପଡୁଛି । ଅସ୍ଥାୟୀ ବ୍ୟବସ୍ଥାରେ ରଖାଯାଇଥିବା ମୃତଦେହଗୁଡ଼ିକ ଅଧିକ ପଚିଯିବା ଏବଂ ସେଥିରୁ ଦୁର୍ଗନ୍ଧ ବାହାରିବା ଯୋଗୁଁ ସଂକ୍ରମଣର ଆଶଙ୍କା ବୃଦ୍ଧି ପାଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାବନୀ ଦେବା ପରେ ଶନିବାର ଦିନ ଜିଲ୍ଲା ପ୍ରଶାସନ ସେହି ଶବଗୁଡ଼ିକୁ ପୋତିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।ଜଣେ ଅଧିକାରୀ କହିଛନ୍ତି, ମୃତଦେହ ସଂଖ୍ୟା ବଢ଼ିବା ପରେ, ଆମେ ଏକ ଘରକୁ କୁଲିଂ ସେଣ୍ଟର ଭାବରେ ବ୍ୟବହାର କରିଥିଲୁ । ସେଠାରେ ଶବଗୁଡ଼ିକୁ ରଖାଯାଇଥିଲା । ସେହି ଘରେ ମଧ୍ୟ ସ୍ଥାନର ଅଭାବ ହେବାରୁ ଏବେ ଆମ ପାଖରେ ସେଗୁଡ଼ିକୁ ପୋତିବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ । ସେ ଆହୁରି କହିଛନ୍ତି ଯେ ମୃତଦେହଗୁଡ଼ିକୁ ପୋତିବା ପୂର୍ବରୁ ସେଗୁଡ଼ିକରୁ ଡିଏନ୍ଏ (ଉଘଇ) ନମୁନା ସଂଗ୍ରହ କରାଯାଉଛି । ଭବିଷ୍ୟତରେ ସମ୍ଭାବ୍ୟ ଚିହ୍ନଟ ପ୍ରକ୍ରିୟାକୁ ସହଜ କରିବା ପାଇଁ ସେମାନେ ଆଇଡେଣ୍ଟିଫିକେସନ୍ କିମ୍ବା ରେଫରେନ୍ସ ନମ୍ବର (ପରିଚୟ/ସନ୍ଦର୍ଭ ସଂଖ୍ୟା) ବ୍ୟବହାର କରି ରେକର୍ଡ ମଧ୍ୟ ରଖାଯାଉଛି ।

ପରିବାର ଲୋକଙ୍କ ଡିଏନ୍ଏ ମେଳ ଖାଇବା ପରେ ସେମାନେ ଯେପରି ମୃତଦେହଗୁଡ଼ିକୁ କାଢ଼ି ପାରିବେ, ସେଥିପାଇଁ ପ୍ରତ୍ୟେକ ଶବକୁ ଏକ ସ୍ୱତନ୍ତ୍ର ପରିଚୟ ସଂଖ୍ୟା ସହିତ ସ୍ଥାନର ଟ୍ୟାଗ୍ ଦିଆଯାଇଛି ବୋଲି ଏହି ଅଧିକାରୀ ଜଣଙ୍କ କହିଛନ୍ତି ।ଶନିବାର ଅପରାହ୍ନ ସୁଦ୍ଧା ୧୦୦ରୁ ଉର୍ଦ୍ଧ୍ୱ ମୃତଦେହର ଡିଏନ୍ଏ ପ୍ରୋଫାଇଲିଂ କାର୍ଯ୍ୟ ଶେଷ ହୋଇଥିଲା ଏବଂ ସେଗୁଡ଼ିକୁ ପୋତିବା ପାଇଁ ପ୍ରସ୍ତୁତ କରାଯାଇଥିଲା ।ଶବଗୁଡ଼ିକୁ ପରବର୍ତ୍ତୀ ସମୟରେ ଯେପରି ସହଜରେ କାଢ଼ି ହେବ, ସେଥିପାଇଁ ପୋତିବା ଗାତଗୁଡ଼ିକୁ ୧.୫ ମିଟର ଗଭୀରତାରେ ଖୋଳାଯାଉଛି । ଡିଏନ୍ଏ ମେଳ ଖାଇବା ପରେ କେବଳ ଚିହ୍ନଟ ହୋଇଥିବା ନିର୍ଦ୍ଦିଷ୍ଟ ଶବକୁ ହିଁ ଉଦ୍ଧାର କରାଯାଇପାରିବ, ତାହା ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଗାତ ମଧ୍ୟରେ ୪୦ ସେଣ୍ଟିମିଟରର ବ୍ୟବଧାନ ରଖାଯାଇଛି ।ମୃତଦେହଗୁଡ଼ିକୁ ପରିଚୟ ସଂଖ୍ୟା ସହିତ ବ୍ୟାଗ୍‌ରେ ପ୍ୟାକ୍ କରାଯାଉଛି । ପ୍ରତ୍ୟେକ ସମାଧି ସ୍ଥଳରେ ସାଇନ୍‌ବୋର୍ଡ ସହିତ ଏକ କଂକ୍ରିଟ୍ ପ୍ଲାଟଫର୍ମ ନିର୍ମାଣ କରାଯାଉଛି, ଯାହା ମୃତଦେହର ପରିଚୟ ସଂଖ୍ୟା ପ୍ରଦର୍ଶନ କରିବ ।ସମାଧି ପ୍ରକ୍ରିୟାର ଭିଡିଓ ଏବଂ ଫୋଟୋଗ୍ରାଫି ମାଧ୍ୟମରେ ରେକର୍ଡ କରିବା ସହିତ ସମାଧି ସ୍ଥଳର ଜିଓ-ଟ୍ୟାଗିଂ କରିବା ପାଇଁ ମଧ୍ୟ ଯୋଜନା କରାଯାଇଛି ।

### ସୁଟ୍‌କେସ୍‌ରୁ ଓଡିଆ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ଘଟଣା

## ଫେରାର ହେବାର ୨୪ ଦିନ ପରେ ଅଭିଯୁକ୍ତ ଦମ୍ପତି ଗିରଫ

ଭୁବନେଶ୍ୱର,୩୦।୮(ମହାଭାରତ): ଆଗ୍ରାରେ ତାମିଲନାଡୁ ଏକ୍ସପ୍ରେସରୁ ଏକ ସୁଟ୍‌କେସ୍‌ରୁ ମୁଣ୍ଡବିହୀନ ଓଡିଆ ମହିଳାଙ୍କ ମୃତଦେହ ମିଳିବା ଘଟଣାରେ ଫେରାର ହୋଇଯାଇଥିବା ଦମ୍ପତିଙ୍କୁ ଗିରଫ କରାଯାଇଛି । ଫେରାର ହେବାର ୨୪ ଦିନ ପରେ ସେମାନଙ୍କୁ ମଣିପୁରରୁ ଗିରଫ କରିଛି ତାମିଲନାଡୁ ପୁଲିସ । ଗିରଫ ଦମ୍ପତି ହେଉଛନ୍ତି ମାଣିକ ଉଦ୍ଦିନ ଲସ୍କର (୨୨) ଓ ଭଗବତୀ ମାଝୀ (୨୧) । ମାଣିକଙ୍କ ଘର ଆସାମର କାଛାର ଜିଲ୍ଲାରେ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ଭଗବତୀ ହେଉଛନ୍ତି ଓଡିଆ । ତାଙ୍କ ଘର କେନ୍ଦୁଝର ଜିଲ୍ଲାରେ । ଟ୍ରାଞ୍ଜିଟ୍ ୱାରେଣ୍ଟରେ ତାମିଲନାଡୁ ଆଣିବା ପୂର୍ବରୁ ଅଭିଯୁକ୍ତ ଦ୍ୱୟଙ୍କୁ ମଣିପୁରର ଏକ ସ୍ଥାନୀୟ ମାଜିଷ୍ଟ୍ରେଟ୍ କୋର୍ଟରେ ହାଜର କରାଯିବ ବୋଲି ପୁଲିସ ସୂତ୍ରରୁ ସମ୍ବାଦ ସଂସ୍ଥା ଟଞଓ କୁ ସୂଚନା ମିଳିଛି । ଏହି ନୃଶଂସ ହତ୍ୟାକାଣ୍ଡ ପଛର ଅସଲ କାରଣ ସେମାନଙ୍କୁ ଜେରା କରାଯିବା ପରେ ହିଁ ସ୍ପଷ୍ଟ ହେବ ବୋଲି ପୁଲିସ ଯୋଡ଼ିଛି । ମୃତ ହାୟାତୁନ୍ ନିଶା କିଛି ଦିନ ତଳେ ପିଏଫ୍‌ରୁ ୪ ଲକ୍ଷ ଟଙ୍କା ଉଠାଇଥିଲେ ବୋଲି ସେ କହିଥିଲେ ।

ଅଗଷ୍ଟ ୫ ତାରିଖରେ ସାମ୍ନାକୁ ଆସିଥିଲା ଏହି ଘଟଣା । ଆଗ୍ରା ରେଳ ଷ୍ଟେସନରେ ତାମିଲନାଡୁ ଏକ୍ସପ୍ରେସ୍ (ଟ୍ରେନ୍ ନଂ. ୧୨୬୨୧)ର ପଛପଟ ସାଧାରଣ ବଗିରୁ ଗୋଟିଏ ନାଲି ରଙ୍ଗର ଟ୍ରଲି ବ୍ୟାଗ୍ ମିଳିଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଗୁଡୁଭାନଚେରୀ ଥାନାରେ ଏହାକୁ ନେଇ ଏକ ନିଖୋଜ ମାମଲା ଭାବେ ରୁଜୁ କରାଯାଇଥିଲା । ତେବେ ମୃତଦେହର କଟା ଅଙ୍ଗପ୍ରତ୍ୟଙ୍ଗ ମିଳିବା ପରେ ପୁଲିସ ଏହାକୁ ହତ୍ୟା ମାମଲାରେ ପରିବର୍ତ୍ତିତ କରିଥିଲା । ଫେରାର ଦମ୍ପତିଙ୍କୁ ଧରିବା ପାଇଁ ତଦନ୍ତକାରୀ ଟିମ୍ ସାରା ଦେଶରେ ଖୋଜାଖୋଜି ଆରମ୍ଭ କରିଥିଲେ । ଶନିବାର ଦିନ ତାମିଲନାଡୁ ପୁଲିସର ଏକ ଟିମ୍ ମଣିପୁରର ଜିରିବାମ୍ ଜିଲ୍ଲା ଅନ୍ତର୍ଗତ କାଶିମପୁରରେ ଅଭିଯୁକ୍ତ ଦ୍ୱୟଙ୍କୁ ଠାବ କରି ଗିରଫ କରିଥିଲେ ।



## ସାହି ମସରୁମ୍



**ଆବଶ୍ୟକ ସାମଗ୍ରୀ:**
କଟା ଛତୁ, କଟା ପିଆଜ, କାଜୁ ବଟା, କସ୍ତୁରୀ ମେଥି, ଟମାଟୋ ପ୍ୟୁରି, ଗରମ ମସଲା, ଅଦା-ରସୁଣ ପେଷ୍ଟ, ଫ୍ରେଶ୍ କ୍ରିମ୍, ଗୁଣ୍ଡ ଗୋଲମରିଚ, ଦେଶୀ ଘିଅ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:**
କଡ଼େଇରେ ଘିଅ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ୍ୟ ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ପରେ ସେଥିରେ ଟମାଟୋ ପ୍ୟୁରି ଦେଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ମିଶାଇ କଷନ୍ତୁ।

କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ତା'ପରେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ୍ୟ ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା 'ସାହି ମସରୁମ୍'। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।

## ଖବର

# ରାବଣ କାହିଁକି ଉଠାଇ ପାରିଲାନି ଶିବ ଧନୁ ?



ରାବଣ ଜଣେ ବଳଶାଳୀ ରାଜା ଥିଲା। ସେ ଶିବଙ୍କ ସହ କୈଳାସ ପର୍ବତକୁ ହାତରେ ଉଠାଇଥିଲା।

ତେବେ ସୀତାଙ୍କ ସ୍ୱୟମ୍ବରରେ ଶିବ ଧନୁ ଉଠାଇ ପାରିନଥିଲା। ସେହି ଧନୁକୁ ଭଗବାନ ଶ୍ରୀରାମ ଉଠାଇ ଗୁଣ ଚଢାଇବା ବେଳେ ତାହା ଭାଙ୍ଗିଯାଇଥିଲା। ତେବେ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେଉଁ ରାବଣ କୈଳାସ ପର୍ବତ ହାତରେ ତୋଳିଧିରଥିଲା ଶିବଧନୁ ଉଠାଇ ପାରିଲାନି କାହିଁ। ତେବେ ଜାଣିବା ଏହି ପ୍ରଶ୍ନର ଉତ୍ତର। ଶିବଙ୍କ ଧନୁ ବହୁତ ଶକ୍ତିଶାଳୀ ଓ ଚମତ୍କାରୀ ଥିଲା। ଶିବଙ୍କ ଧନୁର ଟଙ୍କାରରେ ବାଦଲ ବି ଫାଟିଯାଉଥିଲା। କୁହାଯାଏ ଏହାର ଟଙ୍କାରରେ ହିମାଳୟ ବି କମ୍ପୁଥିଲା। ଏହି ଧନୁରୁ ବାହାରିଥିବା ଗୋଟିଏ ତୀର ତ୍ରିପୁରାସୁରର ୩ଟି ନଗରୀଙ୍କୁ ଧ୍ୱଂସ ହୋଇଯାଇଥିଲା।

ଏହି ଧନୁର ନାମ ଥିଲା ପିନାକ। ତେବେ ଦେବୀଦେବତାଙ୍କ ସମୟ ସମାପ୍ତି ପରେ ଧନୁକୁ ଇନ୍ଦ୍ରଙ୍କ ଦାୟିତ୍ୱରେ ଦିଆଯାଇଥିଲା। ତେବେ ଦେବତାମାନେ ଏହି ଧନୁକୁ ଜନକଙ୍କ ପୂର୍ବଜ ତଥା ନିମିଙ୍କ ଜ୍ୟେଷ୍ଠପୁତ୍ର ଦେବରାଜଙ୍କୁ ଦେଇଦେଇଥିଲେ। ପରିବାରର ଉତ୍ତରାଧିକାରରେ ଧନୁଟି ଜନକଙ୍କ ଅଧୀନକୁ ଆସିଥିଲା। ତେବେ ସୀତାଙ୍କ ସ୍ୱୟମ୍ବରରେ ରଖା ଯାଇଥିବା ଧନୁ ଉଠାଇବାକୁ ସର୍ତ୍ତ ଥିଲା। ରାବଣ ବାହୁବଳରେ କୈଳାଶ ପର୍ବତକୁ ହାତରେ ଉଠାଇଥିଲା। ହେଲେ ଅହଂକାର ଯୋଗୁ ଧନୁକୁ ଉଠାଇପାରିନଥିଲା। ସେ ଯେତେ ବଳ ପ୍ରୟୋଗ କରୁଥିଲା ଧନୁ ସେତେ ଭାରି ହୋଇଯାଉଥିଲା। କାରଣ ଥିଲା ଧନୁର ଦୈବୀ ଶକ୍ତି। ଯେତେବେଳେ ଜଣକ ପରେ ଜଣେ ରାଜା ଧନୁ ଉଠାଇ ନ ପାରି ଲଜ୍ଜିତ ହୋଇ ଫେରିଲେ ଗୁରୁ ବିଶ୍ୱାମିତ୍ର ରାମଙ୍କୁ ଧନୁ ଉଠାଇବାକୁ ଆଦେଶ ଦେଲେ। ରାମଚନ୍ଦ୍ର ଜାଣି ଯାଇଥିଲେ ଧନୁର ଐଶ୍ୱରିକ ଶକ୍ତି ରହିଛି। ଏଣୁ ସେହି ଅନୁସାରେ ପ୍ରସ୍ତୁତି କରି ଉଠିଥିଲେ ଧନୁ ଉତ୍ତୋଳନ ଲାଗି। ରାମଚନ୍ଦ୍ର ଧନୁ ନିକଟରେ ପହଞ୍ଚି ପ୍ରଥମେ ପ୍ରଣାମ କରିବା ସହ ଶସ୍ତ୍ରକୁ ସମ୍ମାନ କରିଥିଲେ। ଏହା ଶିବ ଧନୁ ହୋଇଥିବାରୁ ପ୍ରଦକ୍ଷିଣ କରି ନିଜକୁ ଶରଣ କରିଥିଲେ। ଫଳରେ ଧନୁ ଶୁଖିଲା ତୃଣ ଠାରୁ ବି ହାଲୁକା ହୋଇଯାଇଥିଲା। ଯାହାକୁ ମର୍ଯ୍ୟାଦାପୁରୁଷୋତ୍ତମ ଅକ୍ଲେଶରେ ଉଠାଇ ଗୁଣ ଦେବାକୁ ଉଦ୍ୟମ କରନ୍ତେ ପ୍ରକାଣ୍ଡ ଧ୍ୱନି କରି ଭାଙ୍ଗିଯାଇଥିଲା। ରାମଙ୍କ ପୂର୍ବରୁ ସୀତା ମଧ୍ୟ ଧନୁକୁ ଉଠାଇଥିବାର ପୁରାଣ କୁହେ। ଶିବଙ୍କୁ ପ୍ରଣାମ ପୂର୍ବକ ମାତା ସୀତା ଧନୁକୁ ବାମ ହାତରେ ଉଠାଇ ସ୍ଥାନାନ୍ତର କରିଦେଇଥିଲେ। ଏଣୁ ଜନକ ଏହି ଧନୁକୁ ଯିଏ ଉଠାଇବ ତାକୁ କନ୍ୟାଦାନ କରିବେ ବୋଲି ସର୍ତ୍ତ ରଖିଥିଲେ। ସୀତାଙ୍କ ଭଳି ରାମ ମଧ୍ୟ ଧନୁ ଉଠାଇବାକୁ ପ୍ରୟାସ କରି ଏଥିରେ ସଫଳ ହୋଇଥିଲେ।

## ଦେବୀ ଭୁବନେଶ୍ୱରୀ



ଭୁବନର ଦେବୀ ହୋଇଥିବାରୁ ତାଙ୍କ ନାମ ଭୁବନେଶ୍ୱରୀ (ଭୁବନ+ଈଶ୍ୱରୀ) ହୋଇଛି । ସମଗ୍ର ଭୁବନ ଗଠନରେ ତାଙ୍କର ଭୂମିକା ରହିଛି । ତାଙ୍କରି କୃପାରୁ ସମଗ୍ର ଭୁବନ ପରିଚାଳିତ ହୋଇଥାଏ । ଦେବୀ ଭୁବନେଶ୍ୱରୀଙ୍କର ଶକ୍ତି ଉପାସନାରେ ସ୍ୱତନ୍ତ୍ର ସ୍ଥାନ ରହିଛି । ଦେବୀ ଭୁବନେଶ୍ୱରୀଙ୍କ ଆରାଧନା ଭକ୍ତର ସମସ୍ତ ମନୋସ୍କାମନା ପୂରଣ କରିଥାଏ । ଏପରିକି ଭୁବନେଶ୍ୱରୀଙ୍କ କୃପାରୁ ନବଗ୍ରହଙ୍କ ପ୍ରଭାବ ମଧ୍ୟ ହ୍ରାସ ପାଏ । ଭାରତର ବିଭିନ୍ନ ସ୍ଥାନରେ ଦେବୀ ଭୁବନେଶ୍ୱରୀଙ୍କ ଉପାସନା ସ୍ଥଳୀ ରହିଛି । ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ନାମ ଦେବୀ ଭୁବନେଶ୍ୱରୀଙ୍କ ନାମାନୁସାରେ ହୋଇଛି । ଶ୍ରୀଜଗନ୍ନାଥ ମନ୍ଦିର, ତାମିଲନାଡୁର ପୁଡୁକୋଟ୍ଟାଇ, ଶ୍ରୀଲଙ୍କାର ମାନିପଲ୍ଲବମ୍ ଆଦି ସ୍ଥାନରେ ଭୁବନେଶ୍ୱରୀଙ୍କର ପୀଠ ରହିଛି । ଦେବୀ ସମଲେଶ୍ୱରୀ ଏବଂ କଟକ ଚଣ୍ଡୀ ପୀଠରେ ମଧ୍ୟ ଭୁବନେଶ୍ୱରୀଙ୍କ ଉପାସନା କରାଯାଏ ।


# ଶ୍ରୀକୃଷ୍ଣଙ୍କ ଶାନ୍ତି ପ୍ରସ୍ତାବ



ମହାଭାରତରେ ପାଣ୍ଡବଙ୍କ ଅଜ୍ଞାତବାସ ସମାପ୍ତି ହେବା ପରେ କୌରବଙ୍କଠାରୁ ଅପମାନର ପ୍ରତିଶୋଧ ନେବାକୁ ପ୍ରସ୍ତୁତିରେ ଥିଲେ । ଏହି ସମୟରେ ଅଭିମନ୍ୟୁ ଏବଂ ଉତ୍ତରାଙ୍କ ବିବାହରେ ଅନେକ ରାଜା ଉପସ୍ଥିତ ଥିଲେ । ଶ୍ରୀକୃଷ୍ଣଙ୍କ କହିବା ଅନୁସାରେ ବିରାଟ ରାଜାଙ୍କ ଦରବାରକୁ ସମସ୍ତ ରାଜାଙ୍କୁ ଆମନ୍ତ୍ରିତ କରା ଯାଇଥିଲା । ସେଠାରେ ଭଗବାନ ଶ୍ରୀକୃଷ୍ଣ କୌରବଙ୍କ ଅନ୍ୟାୟ ଓ ଅତ୍ୟାଚାର ସଂପର୍କରେ ବର୍ଣ୍ଣନା କରିଥିଲେ । ମହାରାଜ ଦ୍ରୁପଦ ପାଣ୍ଡବଙ୍କୁ ସମର୍ଥନ କରିଥିଲେ । ତେବେ ସବୁ ରାଜାଙ୍କ ସହମତିରେ କୌରବଙ୍କ ବିରୋଧରେ ଯୁଦ୍ଧ କରିବା ପାଇଁ ଦୂତ ପଠାଇବାକୁ ନିଷ୍ପତ୍ତି ନିଆଗଲା ।

ପାଣ୍ଡବମାନେ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କଲେ । ପାଞ୍ଚାଳ ଏବଂ ବିରାଟ ସେନାଙ୍କ ସହିତ କୁରୁକ୍ଷେତ୍ର ନିକଟରେ ଶିବିର ଲଗାଗଲା । କୌରବମାନେ ଏ ସଂପର୍କରେ ଜାଣିପାରିଲେ ଏବଂ ବିଭିନ୍ନ ରାଜାଙ୍କୁ ନିଜ ପକ୍ଷକୁ ନେବା ପାଇଁ ନିମନ୍ତ୍ରଣ କଲେ । ଯାଦବମାନଙ୍କୁ ନିଜ ପକ୍ଷକୁ ଆଣିବା ପାଇଁ ଦୁର୍ଯ୍ୟୋଧନ ଏବଂ ଅର୍ଜୁନ ବାହାରି ପଡ଼ିଲେ । ଯେତେବେଳେ ଏହି ଦୁଇଜଣ ଶ୍ରୀକୃଷ୍ଣଙ୍କ ଶୟନ କକ୍ଷରେ ପହଞ୍ଚିଲେ ସେତେବେଳେ ଭଗବାନ ଶ୍ରୀକୃଷ୍ଣ ଶୋଇ ଯାଇଥିଲେ । ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କ ପାଦ ନିକଟରେ ଏବଂ ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କ ମୁଣ୍ଡ ନିକଟରେ ବସିଲେ। ଶ୍ରୀକୃଷ୍ଣ ଆଖି ଖୋଲି ପ୍ରଥମେ ଅର୍ଜୁନ ଓ ପରେ ଦୁର୍ଯ୍ୟୋଧନକୁ ଦେଖିଲେ । ଯୁଦ୍ଧ ପାଇଁ ନିଜର ନାରାୟଣୀ ସେନାକୁ ଦୁର୍ଯ୍ୟୋଧନଙ୍କୁ ଦେଲେ ଏବଂ ସ୍ୱୟଂ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସହିତ ରହିବା ପାଇଁ ପ୍ରତିଜ୍ଞା କରିବା ସହ ଯୁଦ୍ଧରେ ଶସ୍ତ୍ର ଉଠାଇବେ ନାହିଁ ବୋଲି ପ୍ରତିଜ୍ଞା ମଧ୍ୟ କଲେ । ସେପଟେ ପାଣ୍ଡବଙ୍କ ପକ୍ଷରୁ ଶାନ୍ତି ପ୍ରସ୍ତାବ ନେଇ ଆସିଥିବା ଦୂତକୁ ଦୁର୍ଯ୍ୟୋଧନ କହିଲେ ଯେ, ବିନା ଯୁଦ୍ଧରେ ଛୁଞ୍ଚି ମୁନସମ ଜାଗା ମଧ୍ୟରେ ପାଣ୍ଡବ ମାନଙ୍କୁ ମିଳିବ ନାହିଁ । ଯୁଧିଷ୍ଠିରଙ୍କ ପରାମର୍ଶରେ ଶ୍ରୀକୃଷ୍ଣ ପୁନର୍ବାର ଶାନ୍ତି ପ୍ରସ୍ତାବ ନେଇ ହସ୍ତିନାକୁ ଗଲେ । ପାଣ୍ଡବ କେବଳ ୫ଟି ଗାଁରେ ସନ୍ତୁଷ୍ଟ ହେବା ବିଷୟ ଏହି ଶାନ୍ତିବାର୍ତ୍ତାରେ ରହିଥିଲା । ହସ୍ତିନାପୁରରେ ଶ୍ରୀକୃଷ୍ଣଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତି ହୋଇଥିଲା । ଶ୍ରୀକୃଷ୍ଣଙ୍କୁ ବାନ୍ଧି କଏଦୀ କରି ରଖିବାକୁ ଦୁର୍ଯ୍ୟୋଧନ ଯୋଜନା କଲା । ଆୟୋଜିତ ସଭାରେ ଶ୍ରୀକୃଷ୍ଣ ସନ୍ଧି କଥାବାର୍ତ୍ତା ପାଇଁ କହିଥିଲ । ଧୃତରାଷ୍ଟ୍ର ସନ୍ଧି ପକ୍ଷରେ ଥିଲେ, କିନ୍ତୁ ଦୁର୍ଯ୍ୟୋଧନ ଏହାକୁ ମାନିଲା ନାହିଁ ଏବଂ ଶ୍ରୀକୃଷ୍ଣଙ୍କୁ ବାନ୍ଧି ଆଣିବାକୁ ଆଦେଶ ଦେଲା। ଏବଂ କହିଲା ଶ୍ରୀକୃଷ୍ଣ ଦୂତଙ୍କ କାର୍ଯ୍ୟ କରୁନାହାନ୍ତି ବରଂ ପାଣ୍ଡବଙ୍କ ପକ୍ଷଭୁକ୍ତ ଅଛନ୍ତି। କର୍ଣ୍ଣ, ଦୁଃଶାସନ, ଶକୁନି ପ୍ରଭୃତି ଦୁର୍ଯ୍ୟୋଧନକୁ ସମର୍ଥନ କରି ଯୁଦ୍ଧ କରିବାକୁ ଚାହିଁଲେ। ତେବେ କୃଷ୍ଣ କହିଲେ ଯେ, ପାଣ୍ଡବମାନଙ୍କୁ କେବଳ ୫-ଟି ଗ୍ରାମ ଦେଇଦିଅ । କିନ୍ତୁ ଏଥିରେ ମଧ୍ୟ ଦୁର୍ଯ୍ୟୋଧନ ରାଜି ହେଲେ ନାହିଁ । ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନକୁ ଗାଳି କରିବା ସହ ସଭାରୁ ବାହାରି ଆସିଲେ।

# 'ସମସ୍ତଙ୍କୁ ଭଲ ପାଅ, ସାହାଯ୍ୟ କର'




ସତ୍ୟସାଇ ଯେତେବେଳେ ଜନ୍ମହେଲେ ସେତେବେଳ ଘରେ ଥିବା ବାଦ୍ୟଯନ୍ତ୍ର ଆପେ ଆପେ ବାଜିବାକୁ ଲାଗିଲା ଏବଂ ଏକ ରହସ୍ୟମୟ ସର୍ପର ଆବିର୍ଭାବ ହେଲା । ସତ୍ୟସାଇ ଜନ୍ମରୁ ପ୍ରତିଭା ସଂପନ୍ନ ଥିଲେ । କୁହାଯାଏ ଯେ, ଭଗବାନ ସତ୍ୟନାରାୟଣଙ୍କ ପୂଜାର ପ୍ରସାଦ ଗ୍ରହଣ କରିବା ପରେ ଜନ୍ମ ଗ୍ରହଣ କରିଥିଲେ ସତ୍ୟସାଇ ବାବା । ତେଣୁ ତାଙ୍କର ନାମ ସତ୍ୟନାରାୟଣ ରଖାଗଲା । ସତ୍ୟସାଇ ବାବାଙ୍କ ପ୍ରଥମ ନାମ ହେଉଛି ସତ୍ୟନାରାୟଣ ରାଜୁ । ସତ୍ୟନାରାୟଣ ଯେତେବେଳେ ହାଇସ୍କୁଲ୍‌ରେ ପଢୁଥିଲେ ତାଙ୍କୁ ଏକ ବିଷାକ୍ତ ବିଛା କାମୁଡ଼ିଦେଲା ଏବଂ ସତ୍ୟନାରାୟଣ କୋମାରେ ପଡ଼ିଗଲେ । ଯେତେବେଳେ କୋମାରୁ ଉଠି ସୁସ୍ଥ ହେଲେ ତାଙ୍କର ବ୍ୟବହାର ବିଚିତ୍ର ହେବାକୁ ଲାଗିଲା। ସତ୍ୟନାରାୟଣ ଖାଇବା ପିଇବା ତ୍ୟାଗକରି କେବଳ ପୁରାଣ ଶ୍ଲୋକ ଓ ମନ୍ତ୍ର ଉଚ୍ଚାରଣରେ ଧ୍ୟାନ ଦେଲେ । ୮ ବର୍ଷ ବୟସରେ ସେ ଭଜନ ରଚନା କରୁଥିଲେ । ୧୪ ବର୍ଷ ବୟସରେ ୨୩ ମେ ୧୯୪୦ରେ ସତ୍ୟନାରାୟଣ ନିଜର ଅବତାର ବିଷୟରେ ଘୋଷଣା କଲେ ତଥା ଜୀବନକୁ ଲୋକଙ୍କ ସେବାରେ ସମର୍ପଣ କଲେ । ସତ୍ୟସାଇଙ୍କ ବିଷୟରେ କୁହାଯାଏ ଯେ, ଭକ୍ତଙ୍କ ବିପତ୍ତି ସମୟରେ ବାବାଙ୍କୁ ଡ଼ାକିଲେ ତତ୍ପରତାର ସହ ଲୋକଙ୍କ କଥା ଶୁଣୁଥିଲେ। କୁହାଯାଏ ଶିରିଡ଼ିରେ ସାଇବାବା, ଆନ୍ଧ୍ରପ୍ରଦେଶରେ ସତ୍ୟସାଇ ବାବାଙ୍କ ପରେ କର୍ଣ୍ଣାଟକରେ ପ୍ରେମ ସାଇବାବାଙ୍କ ଆବିର୍ଭାବ ହେବ। ସତ୍ୟସାଇ ବାବା ଆଧ୍ୟାତ୍ମିକ ଗୁରୁ ଓ ପ୍ରେରକ ବ୍ୟକ୍ତିତ୍ୱ ଥିଲେ । ସତ୍ୟସାଇ ସର୍ବଦା ତାଙ୍କ ଭକ୍ତଙ୍କୁ ସାହାଯ୍ୟ କରୁଥିଲେ। ଭକ୍ତଙ୍କୁ ମୂଲ୍ୟବାନ ଉପଦେଶ ଦେଉଥିଲେ। ଭଲ ସ୍ୱଭାବ, ଶୁଦ୍ଧ ଆଚରଣ ପାଇଁ ଭକ୍ତଙ୍କୁ ବୁଝାଉଥିଲେ । ସତ୍ୟସାଇଙ୍କ ମତରେ କୌଣସି ଧର୍ମ ଉଚ୍ଚ ନୀଚ ନୁହେଁ। ଆମେ ସବୁ ଧର୍ମକୁ ସମାନ ଦୃଷ୍ଟିରେ ଦେଖିବା ପାଇଁ ସତ୍ୟସାଇ ଭକ୍ତମାନଙ୍କୁ ବୁଝାଉଥିଲେ । ସାଇବାବା ତାଙ୍କ ଜୀବନକାଳରେ ବହୁତ ଶିକ୍ଷଣ ସଂସ୍ଥା, ହସ୍‌ପିଟାଲ ଏବଂ ଅନ୍ୟାନ୍ୟ ମାନବସେବା କାର୍ଯ୍ୟ କରୁଥିଲେ । ପ୍ରଶାନ୍ତି ନିଳୟମରେ ବାବାଙ୍କର ବିଶ୍ୱସ୍ତରୀୟ ହସ୍‌ପିଟାଲ୍ ଏବଂ ରିସର୍ଚ୍ଚ ସେଣ୍ଟର ରହିଛି । ପୁଟ୍ଟପର୍ତ୍ତିସ୍ଥିତ ଏହି ହସ୍‌ପିଟାଲରେ ୨୨୦ଟି ଶଯ୍ୟା ରହିଛି ଏବଂ ନିଶୁଳ୍କ ସର୍ଜିକାଲ ଓ ମେଡ଼ିକାଲ କେୟାର ସୁବିଧା ପ୍ରଦାନ କରାଯାଇଛି । ବାଙ୍ଗାଲୋର ଠାରେ ୩୩୩ ଶଯ୍ୟା ବିଶିଷ୍ଟ ଶ୍ରୀ ସତ୍ୟସାଇ ଇନିଷ୍ଟିଚ୍ୟୁଟ୍ ଅଫ୍ ହାୟର ମେଡ଼ିକାଲ ସାଇନ୍ସ କାର୍ଯ୍ୟକରୁଛି । ସମସ୍ତଙ୍କୁ ଭଲ ପାଅ, ସାହାଯ୍ୟ କର, କାହାର ଅନିଷ୍ଟ ଚିନ୍ତା କରନାହିଁ ଏହିସବୁ କଥା ବାବା ଭକ୍ତମାନଙ୍କୁ କହୁଥାନ୍ତି । ସତ୍ୟସାଇ ବାବା ଆଧ୍ୟାତ୍ମିକ ଗୁରୁ ଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ସତ୍ୟ, ପ୍ରେମ, ଶାନ୍ତି, ସଦ୍‌ଭାବନା, ଅହିଂସା ଆଦି ନୈତିକ ମୂଲ୍ୟବୋଧର ସର୍ବଦା ପାଳନ କରିବା ଉଚିତ୍ ବୋଲି ବାବା ଭକ୍ତମାନଙ୍କୁ ବୁଝାଉଥିଲେ। ବାବା ଭାରତରେ ତିନୋଟି ମନ୍ଦିର ମଧ୍ୟ ସ୍ଥାପନ କରିଛନ୍ତି। ମୁମ୍ବାଇରେ ଧର୍ମକ୍ଷେତ୍ର, ହାଇଦ୍ରାବାଦରେ ଶିବମ୍ ଏବଂ ଚେନ୍ନାଇରେ ସୁନ୍ଦରମ୍ ମନ୍ଦିର। ଏହା ବ୍ୟତୀତ ପୃଥିବୀର ୧୧୪ ଦେଶରେ ସତ୍ୟସାଇଙ୍କ କେନ୍ଦ୍ର ସ୍ଥାପିତ ହୋଇଛି। ଭାରତ ବ୍ୟତିତ ସମଗ୍ର ବିଶ୍ୱରେ ବାବାଙ୍କର ଲକ୍ଷାଧିକ ଭକ୍ତ ରହିଛନ୍ତି । ୧୯୫୭ରେ ବାବା ଉତ୍ତର ଭାରତର ମନ୍ଦିର ଦର୍ଶନ କରିଥିଲେ । ୮୫ ବର୍ଷର ଶାନ୍ତିପୂର୍ଣ୍ଣ ଜୀବନ ପରେ ୨୪ ଏପ୍ରିଲ୍ ୨୦୧୧ରେ ସତ୍ୟସାଇ ଦେହତ୍ୟାଗ କରିଥିଲେ।

# ଚରମରେ କଳିଯୁଗ !

ଜ୍ୟୋତିଷ ଶାସ୍ତ୍ର ଏବଂ ପୁରାଣ ଗ୍ରନ୍ଥଗୁଡ଼ିକରେ ଯୁଗର ଭିନ୍ନ ଭିନ୍ନ ମୂଲ୍ୟ ରହିଛି । ପୌରାଣିକ ଗ୍ରନ୍ଥ ଅନୁଯାୟୀ, ଚାରୋଟି ଯୁଗ ଅଛି । ସେଗୁଡିକ ହେଉଛି ସତ୍ୟ, ତ୍ରେତୟା, ଦ୍ୱାପର ଏବଂ କଳି। କୁହାଯାଇଥାଏ କଳିଯୁଗରେ ପାପ



ଶିଖରରେ ରହିବ। ବର୍ତ୍ତମାନ କଳିକାଳ ଅର୍ଥାତ କଳିଯୁଗ ଚାଲିଛି। ଏହି ଯୁଗରେ କ'ଣ ହେବ ଏବଂ କ'ଣ ଘଟିବ ତାହା ଗ୍ରନ୍ଥରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଏଥିସହ ଏହି ଯୁଗରେ ଯେଉଁଠାରେ ପ୍ରଳୟ ହେବ ତେବେ କେବଳ ହରି କୀର୍ତ୍ତନ ହିଁ ରକ୍ଷା କରିପାରିବ। ତେବେ ଆସନ୍ତୁ ଜାଣିବା କଳିଯୁଗରେ କାହିଁକି ସାବଧାନ ରହିବାକୁ ହେବ ?

୧. ସତ୍ୟଯୁଗ- ଧାର୍ମିକ ଭାବରେ ସତ୍ୟଯୁଗରେ ଚାରି ପାଦ ଥିଲା । ସତ୍ୟଯୁଗରେ ମନୁଷ୍ୟର ଲମ୍ବ ୩୨ ଫୁଟ, ଅର୍ଥାତ୍ ପ୍ରାୟ ୨୧ ହାତ ବୋଲି ଦର୍ଶାଯାଇଛି। ଏହି ଯୁଗରେ ପାପର ମାତ୍ରା କେବଳ ୦ ପ୍ରତିଶତ। ସେହିଭଳି ପୁଣ୍ୟର ମାତ୍ରା ୧୦୦ ପ୍ରତିଶତ। ଉଲ୍ଲେଖ ରହିଛି ସତ୍ୟ ପାଇଁ ଶେଷରେ ହରିଚନ୍ଦ୍ର ମଧ୍ୟ ନିଜ ପରିବାରକୁ ବଳିଦାନ ଦେଇଥିଲେ।

୨.ତ୍ରେତୟା ଯୁଗ- ତ୍ରେତୟା ଯୁଗରେ ଧର୍ମର ତିନି ପାଦ ଥିଲା। ଏହି ଯୁଗରେ ମନୁଷ୍ୟର ଲମ୍ବ ୨୧ ଫୁଟ, ଅର୍ଥାତ୍ ପ୍ରାୟ ୧୪ ହାତ ବୋଲି କୁହାଯାଇଛି। ଏହି ଯୁଗରେ, ପାପର ପରିମାଣ ହେଉଛି ୨୫ ପ୍ରତିଶତ ଏବଂ ପୁଣ୍ୟର ପରିମାଣ ହେଉଛି ୭୫ ପ୍ରତିଶତ। ଏହି ଯୁଗରେ ବିଷ୍ଣୁ ରାମ ଅବତାର ଧାରଣ କରିଥିଲେ। ରାକ୍ଷସ ରାଜ ରାବଣଙ୍କ ଠାରୁ ସୀତାଙ୍କୁ ଅପହରଣ କରିବା ସତ୍ତ୍ୱେ ତାଙ୍କୁ ସ୍ପର୍ଶ କରିନଥିଲେ।

୩.ଦ୍ୱାପର ଯୁଗ- ଦ୍ୱାପରରେ ଧର୍ମର କେବଳ ଦୁଇଟି ପାଦ ଥିଲା ଏହି ଯୁଗରେ ମନୁଷ୍ୟର ଲମ୍ବ ୧୧ ଫୁଟ, ଅର୍ଥାତ୍ ପ୍ରାୟ ୭ ହାତ ବୋଲି କୁହାଯାଏ। ଏହି ଯୁଗରେ, ପାପର ପରିମାଣ ୫୦ ପ୍ରତିଶତ ହୋଇଥିବା ବେଳେ ପୁଣ୍ୟର ମାତ୍ରା ମଧ୍ୟ୫୦ ପ୍ରତିଶତ ଥିଲଏ। ଏହାର ଅର୍ଥ ହେଉଛି ଏହି ଯୁଗରେ ଅଧା ମଣିଷ ପାପୀ ଏବଂ ଅଧା ପୁଣ୍ୟାତ୍ମା ଥିଲେ। ଏହାବ୍ୟତୀତ ଏହି ସମୟରେ ମହାଭାରତ ଯୁଦ୍ଧ ହୋଇଥିଲା। ଏହି ସମୟରେ ଭଗବାନ କୃଷ୍ଣ ଧର୍ମକୁ ରକ୍ଷା କରିଥିଲେ।

୪. କଳିଯୁଗ- କଳିଯୁଗରେ ଦୁଇଟି ପାଦ ରହିଛି ଏବଂ ବର୍ତ୍ତମାନ ଏହିଯୁଗରେ ଧର୍ମର କୌଣସି ଚିହ୍ନବର୍ଣ୍ଣ ନାହିଁ। ବର୍ତ୍ତମାନ ଧର୍ମର ପକ୍ଷାଘାତ ହୋଇଯାଇଛି। ଏହି ଯୁଗରେ ମନୁଷ୍ୟର ହାରାହାରି ଲମ୍ବ ୫ ଫୁଟ୍ ୫ ଇଞ୍ଚ ଅର୍ଥାତ ପାଖାପାଖି ସାଢେ ତିନି ହାତ। ଏଥିସହ ଏହି ଯୁଗରେ ଧର୍ମର କେବଳ ଏକ ଚତୁର୍ଥ ଅଂଶ ରହିଛି। ସେହିଭଳି ପାପର ମାତ୍ରା ୭୫ ପ୍ରତିଶତ ହୋଇଥିବା ବେଳେ ପୁଣ୍ୟର ମାତ୍ରା ୭୫ ପ୍ରତିଶତ। କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଯେ କଳିକାଳ ଶିଖରରେ ରହିଛି। ପୂର୍ବରୁ ଉଲ୍ଲେଖ କରାଯାଇଥିବା ୨୫ ପ୍ରତିଶତ ପୁଣ୍ୟର ମାତ୍ରା ବର୍ତ୍ତମାନ ଏହା କେଉଁଠାରେ ଦେଖାଯାଉନାହିଁ। ପାଖାପାଖି ୫ ପ୍ରତିଶତ ପୁଣ୍ୟ ବଞ୍ଚି ରହିଥିବ।

# ଆବାସ ଦୁର୍ନୀତି

ପ୍ରତିବର୍ଷ ବଜେଟରେ ଏଥିରେ ଏଥିରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି। କିନ୍ତୁ ଏହା ବି ସମସ୍ତଙ୍କ ପାଇଁ ଘର ସ୍ୱପ୍ନକୁ ସାକାର କରିପାରିନାହିଁ। ଶାସକ ଓ ବିରୋଧୀ ଉଭୟେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଆସୁଛନ୍ତି। କଂଗ୍ରେସ ମଧ୍ୟ ଏଥିରେ ସାମିଲ ହେଉଛି। ଅତୀତରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଥିଲେ। କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା। କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋଂଇଛନ୍ତି। ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି। ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି। ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ। ଯୋଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି। କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି। କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ। ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା। ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ। ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା। ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ। ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ। ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଲ ସହାୟକ ହେଉଛି। କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ। ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି। ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି। ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏବେ କେନ୍ଦ୍ର ସରକାର ରାଜ୍ୟକୁ ଆବାସ ଯୋଜନାରେ ୯.୫୯ ଲକ୍ଷ ଗୃହ ମଞ୍ଜୁର କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କେତେଦୂର ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହେବ ତାହା ଦେଖିବାର କଥା। ଖାଲି ଯୋଜନା କରିଦେଲେ ହେବନି ବା ଏଥିପାଇଁ ଟଙ୍କା ମଞ୍ଜୁର କଲେ ହେବନି। ଏହାର କାର୍ଯ୍ୟକାରୀତା ପ୍ରତି ସମୁଚିତ ଦୃଷ୍ଟି ଦେବାକୁ ପଡ଼ିବ। ଏକଥା ସତ ଯେ, ଦେଶରେ ଲୋକସଂଖ୍ୟା ବଢୁଛି ଏବଂ ପ୍ରତିବର୍ଷ ନୂଆ ପରିବାର ସୃଷ୍ଟି ହେଉଛି। ତେଣୁ ଗୋଟିଏ ପରିବାରକୁ ଆଜି ଗୋଟିଏ ଘର ଯୋଗାଇ ଦେଲେ ସେହି ପରିବାର ସବୁଦିନ ଉପକୃତ ହେବନି।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

॥ ଡାକ୍ତର କାନ୍ତୀ ନାୟକ ॥

*ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।*

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିଙ୍କୁ ମଧ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ ସେ ସମୟ ମଧରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିଙ୍କୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

# ଘେରାଏ ପୃଥିବୀର ଅସରନ୍ତି ମଣିଷ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଆମେ ଯିଏ ଯେତେ, ଆମ ସଂସାରର ପୃଥିବୀବି ସେତିକି । ଦୂର ଯେତିକି, ନିକଟ ବି ସେତିକି । ଚିହ୍ନା ଯେତିକି, ଅଚିହ୍ନା ବି ସେତିକି । କୁଳାଣ ଯେତିକି ଅକୁଳଣ ବି ସେତିକି । ଆମେ ଆମ ପୃଥିବୀକୁ ଯେତିକି ଲାଗିଛୁ, ସେତିକି ବି ବିଲଗ ହୋଇଛୁ। ତେଣୁ ଅନେକ ଖନ୍ଦାରୁ ଦେଖିଲେ ଆମେ ପୃଥିବୀର ଅଗଣାକୁ ବୁଝିପାରି ନାହୁଁ, ନିବିଡ଼ ଏଇ ଓଡ଼ିଶା ଭୂଇଁରେ ଆମେ କେତେ କେତେ ମାପରେ ଆତଯାତ ହେଉଥିଲେ ହେଁ ଆମେ କେତେ ବାଗିର ସରି ସରି ଯାଉଛୁ ଆମ ଘେରାଏ ଏଇ ପୃଥିବୀର ସଂସାର ନିକଟରେ । ଆମ ଜଣା ଅଜଣା ଅନେକଙ୍କ ନିକଟରେ ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ) ଏହିପରି ବେଭାରରେ ଜଣେ ସଳଖ ମଣିଷ ହୋଇ ବଞ୍ଚିରହିଥିଲେ, ଯାହାଙ୍କ ନିକଟରେ ଏହି ଘେରାଏ ପୃଥିବୀ ସଂସାର ଜ୍ଞାନରେ ଏମୁଣ୍ଡରୁ ସେମୁଣ୍ଡ ଯାଏଁ ଆବୋରି ରହିଥିଲା। ମଣିଷ ସରି ସରି ଆସେ, କେତେ କେତେ ପଣର ଅନ୍ଦାଜ ଗୁଡ଼ିକରୁ । ମାତ୍ର ଚିତ୍ତଭାଇ ନିଜ ନିଦାପଣରେ ଅସରନ୍ତି ହୋଇ ଚାଲୁଥିଲେ। ଆଉ ସମସ୍ତଙ୍କ ଦିହରେ ଅସରନ୍ତି ମଣିଷର ବୈଚିତ୍ର୍ୟଯୁକ୍ତ ମହିମାକୁ କେତେ ଠାଣିରେ ଆଘ୍ରାଣ କରିନେଇଥିଲେ। କେମିତି କେଜାଣି ବିଧି ତାଙ୍କୁ କେଉଁ ଧାତୁରେ ଗଢ଼ିଥିଲା କେଜାଣି, ଏଇ ସଳଖ ମଣିଷ ଜଣକଯେ କେତେଦୂର ନଇଁ ଆସନ୍ତି ଓ ନଇଁ ପାରନ୍ତି ତାହା ବିସ୍ମୟାଭିଭୂତ କରିଦିଏ। ହଁ, କହିହେବ, ସ୍କୁଲ ଶିକ୍ଷାର ଅମିଳନ ଶିକ୍ଷକବୃନ୍ଦଙ୍କୁ, ସହପାଠୀଙ୍କୁ ଯିଏ ପ୍ରିୟ ଚିତ୍ତଭାଇଙ୍କ ଆଖିର ମହିମାକୁ, ହୃଦୟର ଗଭୀରତାକୁ ଆହୁରି ବାଂଙମୟ କରିବାରେ ଆଲକେମି ପରି କାର୍ଯ୍ୟ କରିଥିଲେ। ଦେଶ ସ୍ୱାଧୀନ ହୋଇ ଆସିବାର ସକ୍ରିୟ ସଙ୍କେତ ଗୁଡ଼ିକ ମିଳିଯାଉଥିବା ଜାଣି ଚିତ୍ତରଂଜନ ଶାନ୍ତିନିକେତନର ବିଦ୍ୟାର୍ଥୀ ହେବାକୁ ଅଭିଳାଷ ପୋଷଣ କରିଥିଲେ। ଶାନ୍ତିନିକେତନରୁ କୋପେନହେଗେନ୍ ଏବଂ ତହିଁ ଉତ୍ତାରୁ କେତେ କେତେ ସ୍ୱପ୍ନର ଅଭିଳାଷରେ ମୁଖର ଚିତ୍ତରଂଜନ ଶିକ୍ଷକ ହେବାର ପ୍ରତିଜ୍ଞାରେ ନିଜ ଚିନ୍ତନକୁ ଭିଜାଇ ଦେବାରେ ଉଛୁର କରିନଥିଲେ। ବିଦେଶମାଟିର କେତେ କେତେ ପରିବର୍ତ୍ତନକାମୀ ବିଚାର, ବ୍ୟବସ୍ଥା, ଜାଗରଣ, ଉଦ୍‌ବେଳନ, ବିଦ୍ୟା, ଅଭିପ୍ରାୟ, ନୈକଟ୍ୟକୁ କଦର କରିପାରିଥିବା ଚିତ୍ତରଂଜନ ଓଡ଼ିଶାକୁ ଛୁଇଁ ଛୁଇଁ ଜନ୍ମମାଟି ବାଗଲପୁରକୁ ନଯାଇ ଅନୁଗୁଳର ଚମ୍ପତିମୁଣ୍ଡାରେ ଜୀବନ ବିଦ୍ୟାଳୟ ତୀର୍ଥ-ଦର୍ଶନରେ ନିଜକୁ ମୁହାଁଇ ଆଣିଥିଲେ। ଅଗ୍ନିକନ୍ୟା ଶ୍ରୀମତୀ ମାଳତୀ ଚୌଧୁରୀ (ନୁମା) ଓ ଭୂଇଁଛୁଆଁ ମଣିଷ ବାପି (ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ)ଙ୍କ ହାତ ଗଢ଼ା ଅନୁଷ୍ଠାନ ବାଜିରାଉତ ଛାତ୍ରାବାସରୁ ରାସ୍ତା ପଡ଼ିଲା ଚମ୍ପତିମୁଣ୍ଡା-ଜୀବନ ବିଦ୍ୟାଳୟକୁ। ତମସାତୀରର ତୀର୍ଥଦର୍ଶନ-ଜୀବନ ବିଦ୍ୟାଳୟ। ୧୯୫୨ ମସିହାରେ ପ୍ରତିଷ୍ଠା ହେଲା ଜୀବନ ବିଦ୍ୟାଳୟ। ସତ୍ୟବାଦୀ ବନ ବିଦ୍ୟାଳୟ ଲୋକଲୋଚନରେ ଯେତେ ଚର୍ଚ୍ଚିତ, ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ-ଓଡ଼ିଶାର ଆଲୋଚନା ଅଙ୍ଗନରେ ତତୋଧିକ ଅବହେଳିତ । ମାତ୍ର ଜୀବନ-ବିଦ୍ୟାଳୟର ପୁଣ୍ୟ ସକାଳକୁ ଫୁଟାଇ ପାରୁଥିବା ଚିତ୍ତରଂଜନଙ୍କୁ କ୍ରମଶଃ ଅପସାରଣ କରିଦିଆଯାଇଥିଲା। ଏକମାତ୍ର ପୁସ୍ତକ /ଦଲିଲ୍- "ଚଳିଛି ନିକର" (ଲେଖକ-ଶ୍ରୀ ନନିଗୋପାଲ ପାଲିତ, ଜୀବନ-ବିଦ୍ୟାଳୟର ଛାତ୍ର, ପ୍ରକାଶକ - ଶିକ୍ଷା ସନ୍ଧାନ) ରେ ଜୀବନ-ବିଦ୍ୟାଳୟ କାହିଁକି ଓ କିପରି ନିଷ୍ପନ୍ଦ ପାଲଟିଗଲା ତାହାର କୋହ-ବିବରଣ ସନ୍ନିବେସିତ। କଟକ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀଙ୍କ ମେଳରେ ନିଜ ବ୍ରତକୁ ପଥଟାଇଥିବା ଚିତ୍ତରଂଜନ ଜୀବନ ବିଦ୍ୟାଳୟର ଉଭୟ ପରିଣତି ଓ ପଣତକୁ ଦେଖି ନିଶ୍ଚୟ ବିବ୍ରତ ହୋଇଥିବେ କି ନାହିଁ, ତାହା କିଏ ଅବା କହିବ ! ଏବେବି ଅଛନ୍ତି ଛାତ୍ର ଶ୍ରୀ ଶଶିଭୂଷଣ ପାଣିଗ୍ରାହୀ, ବୁର୍ଲା, ସମ୍ବଲପୁରରେ। କାଳ ଲମ୍ବି ଲମ୍ବି ଯାଉଥିବ । ଚିହ୍ନମାନ କେଜାଣି ହଜିଯିବେ! ଘେରାଏ ପୃଥିବୀର ପଣତରେ ଏଇ ଅମଳିନ ବିଦ୍ରୋହୀ ଆତ୍ମାଙ୍କୁ ହେଜିବାର ଅବସର ହାତଛଡ଼ା ନହେଉ। ହଁ, ଜୀବନ-ବିଦ୍ୟାଳୟରୁ ଆସିବାପରେ, ଚିତ୍ତରଂଜନ ସକାଳର ଘ୍ରାଣରେ ଆଗକୁ ପାଦ ବଢ଼ାଇଲେ, ବିଚ୍‌ପୁରୀ ଆଗ୍ରା ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଜୀବନର ଅୟମାରମ୍ଭ କଲେ। ସେତେବେଳର ଛାତ୍ର ଉତ୍ତରାଖଣ୍ଡର ଶ୍ରୀ ସଦନ ମିଶ୍ର, ଅଧ୍ୟାପକ ଶ୍ରୀ ରମେଶ ଘୋଡ଼େ (ନାଗପୁର) ଏବେବି ଏହି ପୁଣ୍ୟପ୍ଳୁତ ମଣିଷଙ୍କୁ କେତେ ଗଭୀର ଶ୍ରଦ୍ଧା-ନିବେଦନରେ ବିନୟାବନତ ହୋଇ ରହିଛନ୍ତି, ତାହା ଦେଖିଲେ ହିଁ ବିଶ୍ୱାସକରିହୁଏ। ଗଡ୍‌ୱାଲର ହାଟକଲ୍ୟାଣୀ ଗାଆଁରୁ ହିମାଳୟ ଦର୍ଶନର ଯାତ୍ରା ଶିଳାତୀର୍ଥରେ ପରିଣତ ହେଲା। ପାଦରେ ଚଳି ଚଳି ଶିଳାତୀର୍ଥର ନୟନାଭିରାମ ଅନୁଭୂତିର ପରାକାଷ୍ଠା। ଦୁଇଖଣ୍ଡ ପୁସ୍ତକରୁ ହିମାଳୟଦର୍ଶନ 'ଶିଳାତୀର୍ଥ'ର ସିନା ରୂପନେଲା ମାତ୍ର 'ଯମୁନେତ୍ରୀ'ର ଦର୍ଶନ ପୁସ୍ତକର ରୂପ ନେଇପାରିଲା ନାହିଁ। ଯମୁନେତ୍ରୀର ପାଣ୍ଡୁଲିପି ଓ ପ୍ରିୟ କ୍ୟାମେରା ଖଣ୍ଡକ କାହା ଲୋଭ ସମ୍ବରଣରେ କାଳ କାଳକୁ ଅତୀତ ହୋଇଗଲା। ଶିଳାତୀର୍ଥର ଉଲ୍ଲାସ ଓ ମହିମା ଯମୁନେତ୍ରୀ ଦର୍ଶନକୁ ଆଉ ଛୁଇଁ ପାରିଲା ନାହିଁ। ଘେରାଏ ପୃଥିବୀ ଓ ଅସରନ୍ତି ଅନୁଭୂତିର ଠୁଳ ସମ୍ମୋହନରୁ ବଞ୍ଚିତ ହେଲା କ୍ଷଣ କ୍ଷଣର ଜୀବନ। କ୍ଷଣ କ୍ଷଣର ଲୋଭନୀୟ ବିପଣିରୁ ଚିତ୍ତରଂଜନ ଆଖିଫେରାଇ ନେଇଥିଲେ । ମାତ୍ର ଯାହାକୁ ସେ ସାଉଁଟିନେଉଥିଲେ ତାହା କେବଳ ନିଜ ପାଇଁ ରଖିନଥିଲେ, ଆଉଜି ଦେଉଥିଲେ ଆଉ ଏକ ପୃଥିବୀର ଆତ୍ମାପାଇଁ । ସଂଗୃହୀତ ବିଭିନ୍ନ ଦେଶର ହଜାର ହଜାର ଡାକଟିକେଟକୁ ସେ କାହାକୁ ଦେବେ କାହାକୁ ଦେବେ ଖୋଜି ଖୋଜି - ଉଷାନଗରୀକୁ (ଅରୋଭିଲ) ଶେଷରେ ସମର୍ପି ଦେଇଗଲେ। ବିଶ୍ୱନୀଡ଼ମ୍‌ର ସଂପତ୍ତି ବିଶ୍ୱଅଙ୍ଗନର ସଂପତ୍ତି ପାଲଟିଗଲା। ମାଆ ହାରାମଣି ଦେବୀ ଓ ବାପା ଶ୍ରୀଯୁକ୍ତ ଖୋସାଳି ଚରଣ ଦାସଙ୍କ ଏଇ ପୁଅଟି ଯେଉଁଠିକୁ ଯାଉଥିଲେ ତାହାକୁ ଅସରନ୍ତି ଡୋରରେ ବାନ୍ଧି ରଖିଥିଲେ। ସେଥିପାଇଁ ବିଦେଶକୁ ଗଲାବେଳେ, ବାପା ବାଟେଇ ଦେବାକୁ ଆସି କହିଥିଲେ, "ତୁ ଫେରିଲା ବେଳକୁ ମୁଁ ଥିବିକି ନାହିଁ କିଏ କହିବରେ! ମାତ୍ର ପୃଥିବୀର ଯୁଆଡ଼କୁ ଯିବୁ ତୋତେ ପୁଅ କରିନେବାକୁ କେତେ କେତେ ବାପା ମାଆ ମିଳିଯିବେ"। ହଁ, ତାହାହିଁ ହେଲା-ଅଧୀର ଘେରାଏ ପୃଥିବୀର ଅସରନ୍ତି ମଣିଷ ପ୍ରିୟ ଚିତ୍ତଭାଇ। ଯେତେବେଳେ ହେଉ ଯେଉଁଠି ବି ହେଉ, ଠୋ'ଠୋ' ହୋଇ ନାଗି ଆସନ୍ତି ସଳଖ ଭାବରେ, ବଡ଼ ନିଦା ଭାବରେ। ଭିଡ଼ ଠେଲି ଆଗକୁ, ଆମେ ପଛରେ ଥିଲେ, ସେ ଆଡ଼ ହୋଇ ଅନାଇ ରହିଛନ୍ତି କି!

**ବିଷମ କଟକ, ରାୟଗଡ**

# ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା

॥ ବାଦଲ ଭୂୟାଁ ॥

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି। ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି। ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ। ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ। କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି। ଶୀତଋତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ। ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ ଲାଗେ। ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି। ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ। କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର। ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି। ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ।

ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ। ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି। ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନନ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ। ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା। ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି। ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି। ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି। ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ। ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ୍‌ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜ୍ଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ। ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ କେହି କରିପାରିବେ ନାହିଁ। ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ। ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ। ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ କଟକଣା ଭିତରେ ରଖାଯିବା ଉଚିତ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଅତିବଡ଼ୀ ଜଗନ୍ନାଥ ଦାସ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଓ ପ୍ରଣବ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି



ପାରଳାଖେମୁଣ୍ଡି:- ମହେନ୍ଦ୍ର ତନୟା ସାହିତ୍ୟ ସଂସଦ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଅତିବଡୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ଉତ୍ସବ ଆସନ୍ତା ସେପ୍ଟେମ୍ବର ୧୯ ତାରିଖ,ରାଧାଷ୍ଟମୀ ତିଥିରେ ମହାସମାରୋହରେ ପାଳନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଏହି ଉତ୍ସବକୁ ସୂଚାରୁରୂପେ ଆୟୋଜନ କରିବା ନିମନ୍ତେ ସଂସଦ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜୟନ୍ତୀ ଉତ୍ସବର ରୂପରେଖ, ଅତିଥି ଚୟନ, ସାହିତ୍ୟିକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଓଡ଼ିଆ ସାହିତ୍ୟ ଓ ଭକ୍ତି ସାହିତ୍ୟରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଅତୁଳନୀୟ ଅବଦାନକୁ ସ୍ମରଣ କରି ଏହି ଜୟନ୍ତୀ ଉତ୍ସବକୁ ଗରିମାମୟ ଭାବେ ପାଳନ କରିବାକୁ ସଦସ୍ୟମାନେ ମତ ପ୍ରକାଶ କରିଥିଲେ।ଏହି ଅବସରରେ ସମ୍ପ୍ରତି ପରଲୋକ ଗମନ କରିଥିବା ଓଡ଼ିଶାର ପ୍ରଖ୍ୟାତ ତଥା ମହାନ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କ ସ୍ମୃତି ଚାରଣ କରାଯିବା ସହ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତାଙ୍କର ମଧୁର କଣ୍ଠ ଓ ସଙ୍ଗୀତଜଗତ ପ୍ରତି ଅବଦାନ ଓଡ଼ିଶାବାସୀଙ୍କ ହୃଦୟରେ ସଦା ସ୍ମରଣୀୟ ହୋଇ ରହିବ ବୋଲି ଉପସ୍ଥିତ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ।ଶେଷରେ ଦିବଙ୍ଗତ କଣ୍ଠଶିଳ୍ପୀଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଥିବା ସହ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଗଜପତି ଜିଲ୍ଲା ଆବାହକ ଡ଼ଃ କଲ୍ୟାଣୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ମହେନ୍ଦ୍ର ତନୟା ସାହିତ୍ୟ ସଂସଦର ସଭାପତି ଶ୍ରୀମତୀ ଆଶାଲତା ପାଣିଗ୍ରାହୀ, ସମ୍ପାଦକ ଶ୍ରୀ ସରୋଜ କୁମାର ପଣ୍ଡା, ରାଜ୍ୟ ସଂପାଦକ ଶ୍ରୀ ରାଜେନ୍ଦ୍ର କୁମାର ରଥ, ଶ୍ରୀ ଗୌରହରି କରସୁଧା ପଟ୍ଟନାୟକ, ଶ୍ରୀ ମନୋଜ କୁମାର ପଣ୍ଡା, ଶ୍ରୀ ତ୍ରିପତି ପ୍ରସାଦ ପଣ୍ଡା, ଡ଼ଃ ମୀନା କୁମାରୀ ଟହଲ, ଡ.ଚାରୁପ୍ରଭା ନାୟକ, ଶ୍ରୀମତୀ ସୁଜାତା ନନ୍ଦ, ଶ୍ରୀମତୀ ବବିତା ପୁରୋହିତ, ଶ୍ରୀମତୀ ସଙ୍ଗୀତା ପାତ୍ର, ଶ୍ରୀମତୀ ଅନୁଶ୍ରୀ ପଟ୍ଟନାୟକ, ଶ୍ରୀମତୀ ସ୍ନିଗ୍ଧା ମିଶ୍ର ଓ ସୁଶ୍ରୀ ଅଞ୍ଜନା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ନାବାଳିକାକୁ ଦୁଷ୍କର୍ମ, ଦୁଇ ଅଭିଯୁକ୍ତ ଗିରଫ



ଦେବଗଡ଼, (ମହାଭାରତ) : ରବିବାର ଦିନ ଦେବଗଡ ଜିଲ୍ଲା ବାରକୋଟ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି ବାରକୋଟ ଥାନା ପୋଲିସ । ଏନେଇ ବାରକୋଟ ଥାନାରେ କେସ୍ ନମ୍ବର ୩୬୪, ଭାରତୀୟ ନ୍ୟାୟ ସଂହିତାର ଧାରା ୭୦(୨) ସହ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ସୂଚନା ଅନୁଯାୟୀ, ଗତ ୨୮ ତାରିଖ ଦିନ ୨ଜଣ ଅଭିଯୁକ୍ତ ନାବାଳିକା ଜଣଙ୍କୁ ପ୍ରଲୋଭନ ଦେଖାଇ ମସିନ୍ତା ଗାଁ ପାଖ ନର୍ସରୀକୁ ଡାକିନେଇ ଦୁଷ୍କର୍ମ କରିଥିଲେ । ସଂପୃକ୍ତ ନାବାଳିକା ଜଣଙ୍କ ଘରକୁ ଆସି ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ବାରକୋଟ ଥାନା ଅନ୍ତର୍ଗତ ମସିନ୍ତା (କଡ଼ୋପଡ଼ା) ଗ୍ରାମର ବସନ୍ତ ତିର୍କୀ ଏବଂ ବ୍ରହ୍ମଣ୍ଡେଇ ଗ୍ରାମର ରଞ୍ଜିତ ମୁଣ୍ଡାଙ୍କୁ ପୋଲିସ ଗିରଫ କରି ଉଭୟ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରିଛି । ଜାମିନ୍ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

## ହାତୀ ଆକ୍ରମଣରେ ଜଣେ ମୃତ

ପାଟଣାଗଡ, (ମହାଭାରତ) : ବଲାଙ୍ଗିର ଜିଲ୍ଲା ବେଲପଡ଼ା ଅଞ୍ଚଳରେ ପୁଣି ହାତୀ ଆତଙ୍କ ଦେଖା ଦେଇଛି । ଆଜି ବେଲପଡ଼ା ବ୍ଲକ ଅନ୍ତର୍ଗତ ନୁନହାଡ଼ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣା ପଡ଼ିଛି । ମୃତକ ଜଣକ ହେଲେ ନୁନହାଡ଼ ଗ୍ରାମର ଧର୍ମୁ ନାଏକ । ସୂଚନା ଅନୁସାରେ ଆଜି ସକାଳେ ଧର୍ମୁ ନାଏକ ନିଜ ଜମି କୁ କାମରେ ଥିବା ସମୟରେ ହାତୀ ଆକ୍ରମଣର ଶିକାର ହୋଇଥିଲେ । ହଠାତ୍ ହାତୀ ଆକ୍ରମଣ କରିବାରୁ ସେ ଗୁରୁତର ଭାବରେ ଆହତ ହୋଇଥିଲେ । ପରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଏହି ଘଟଣା ପରେ ନୁନହାଡ଼ ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ହାତୀ ଗାଁ ନିକଟରେ ଘୁରୁଥିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ବଢ଼ିଛି । ହାତୀ ଚଳାଚଳ ଉପରେ ନଜର ରଖିବା ସହ ଲୋକଙ୍କୁ ସତର୍କ ରହିବାକୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି । ଘଟଣାସ୍ଥଳରେ ବନ ବିଭାଗ ଓ ସ୍ଥାନୀୟ ପ୍ରଶାସନ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ କରିବା ସହ ହାତୀକୁ ଘଉଡ଼ାଇବା ପାଇଁ ପଦକ୍ଷେପ ନେବା ଆବଶ୍ୟକ ହୋଇ ପଡ଼ିଛି । ଏପରି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବନ ବିଭାଗର ସୁରକ୍ଷା ବ୍ୟବସ୍ଥା ନେଇ ଚିନ୍ତା ପ୍ରକାଶ ପାଇଛି । ହାତୀ ଆକ୍ରମଣରେ ଧର୍ମୁ ନାଏକଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ପରିବାର ଓ ସମ୍ପର୍କୀୟଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ଘଟଣାରେ ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ ସହାୟତା ଓ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି ।

## ଦମ୍ପତିଙ୍କ ମୁହଁରେ ଏବେ କେବଳ ଗୋଟିଏ ପ୍ରଶ୍ନ ଆମ ପାଇଁ ସରକାରୀ ଭତ୍ତା କେବେ



ରାଇଘର, (ମହାଭାରତ): ବୟସର ଅପରାହ୍ନରେ ଯେତେବେଳେ ମଣିଷ ସରକାରୀ ସହାୟତାର ଆଶା କରେ ସେତେବେଳେ ଯଦି ସେହି ସହାୟତା ମିଳେନାହିଁ ତାଠାରୁ ବଡ଼ ଦୁଃଖ ଆଉ କଣ ହୋଇପାରେ? ଏଭଳି ଏକ ହୃଦୟସ୍ପର୍ଶୀ ଚିତ୍ର ସାମ୍ନାକୁ ଆସିଛି ରାଇଘର ବ୍ଲକ ଅନ୍ତର୍ଗତ କୁରାବେଢା ଗ୍ରାମ ପଞ୍ଚାୟତର କୁଣ୍ଡରାପାଣି ଗାଁରୁ ।ବୟସ ଦୁଇଜଣଙ୍କର ୬୦ ବର୍ଷରୁ ଉର୍ଦ୍ଧ୍ୱ ।ବାଲସାୟ ଗଣ୍ଡ ଓ ପାଞ୍ଚମତୀ ଗଣ୍ଡ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାରୀ ଭତ୍ତାରୁ ବଞ୍ଚିତ ଏହି ନବଦମ୍ପତି। ଦିନକୁ ଦିନ ବଢୁଥିବା ବୟସ ସହ ଆର୍ଥିକ ଅଭାବ ମଧ୍ୟ ଯେପରି ସେମାନଙ୍କ ଜୀବନର ସାଥୀ ପାଲଟିଛି। ପ୍ରଶାସନିକ ଅବହେଳା ଯୋଗୁଁ ସରକାରଙ୍କ ଭତ୍ତା ଯୋଜନାର ସୁବିଧା ନପାଇ ଦିନ କାଟୁଥିବା ଦେଖିବାକୁ ମିଳିଛି। ବାର୍ଦ୍ଧକ୍ୟରେ ଆଶ୍ରା ଖୋଜୁଥିବା ଏହି ଦମ୍ପତିଙ୍କ ମୁହଁରେ ଏବେ କେବଳ ଗୋଟିଏ ପ୍ରଶ୍ନ ଆମ ପାଇଁ ସରକାରୀ ଭତ୍ତା କେବେ? ସରକାରୀ ଯୋଜନା ଗରିବ ଓ ଅସହାୟଙ୍କ ପାଇଁ ହୋଇଥିବା ବେଳେ ଯଦି ଯୋଗ୍ୟ ହିତାଧିକାରୀ ହିଁ ଏଥିରୁ ବଞ୍ଚିତ ହୁଅନ୍ତି ତେବେ ଯୋଜନାର ଲାଭ କାହା ପାଖରେ ପହଞ୍ଚୁଛି ଏହା ଏବେ ବଡ଼ ପ୍ରଶ୍ନ। ଏହି ବୃଦ୍ଧ ଦମ୍ପତିଙ୍କ ଦୁଃଖ ଦୂର କରି ତୁରନ୍ତ ଭତ୍ତା ପ୍ରଦାନ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସ୍ୱାମୀର କାଠ ଫାଳିଆ ମାଡରେ ସ୍ତ୍ରୀ ମୃତ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ମଲ୍ଲୀପଶି ଭୂମିଜ ସାହିରେ ଅଘଟଣ ଘଟି ଛି। ମଦ୍ୟପ ସ୍ୱାମୀ ର ଉନ୍ମତ୍ତ କାଣ୍ଡରେ ରଚିବା ସହ ସ୍ତ୍ରୀ କୁ କାଠ ଫାଳିଆ ରେ ପିଟି ହତ୍ୟା କରି ଛି। ସୂଚନା ପ୍ରକାଶ ପାରିବାରିକ କଳହ କୁ କେନ୍ଦ୍ର କରି ସ୍ୱାମୀ ହେମନ୍ତ ଭୂମିଜ ତାଙ୍କ ସ୍ତ୍ରୀ ସବିତା ଭୂମିଜଙ୍କ ମଧ୍ୟରେ ବଚସା ହୋଇ ଥିଲା । ଫଳରେ ମଦ୍ୟପ ସ୍ୱାମୀ ସ୍ତ୍ରୀ କୁ ଏକ କାଠ ଫାଳିଆ ରେ ପିଟି ପିଟି ହତ୍ୟା କରିଛି । ଖବର ପାଇ ପାଟଣା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳ ରେ ପହଞ୍ଚି ଶବ ଜବତ କରିବା ସହ ପାଟଣା ଥାନା ରେ ୩୦୭/୨୬ ଏକ ହତ୍ୟା ମାମଲା ରୁଜୁ କରି ଶବ ବ୍ୟବଛେଦ ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତ ଦେହ ହସ୍ତାନ୍ତର କରିବା ପରେ ଅଭିଯୁକ୍ତ ସ୍ୱାମୀ ହେମନ୍ତ ଭୂମିଜ କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରି ଛି।

## ଜଗନ୍ନାଥ ଜମି ଅନଲାଇନ ପଞ୍ଜୀକରଣ ନହେବାରୁ ଶତାଧିକ ଚାଷୀ ସମିତିକୁ ବନ୍ଦ କରିବା ସହ ତହସିଲଦାରଙ୍କ ଠାରେ ଅଭିଯୋଗ

ଧାମନଗର, (ମହାଭାରତ) : ରାଜ୍ୟ ସରକାର ନିୟମ ପରିବର୍ତ୍ତନ କରିବା ଫଳରେ ଶତାଧିକ ଚାଷୀ ଅନଲାଇନ ପଞ୍ଜିକରଣରୁ ବଞ୍ଚିତ ହେଉଛନ୍ତି। ଧାମନଗର ସମବାୟ ସମିତିରେ ଖରିଫ ଧାନ ଅନଲାଇନ ପଞ୍ଜିକରଣରେ ଶେଷ ଅବଧିକୁ ଆଉ ମାତ୍ର ତିନିଦିନ ବାକି ଥିବା ବେଳେ ପଞ୍ଜିକରଣ ନହେବାରୁ ଚାଷୀମାନେ ସମିତି ସମ୍ମୁଖରେ ହୋହାଲ୍ଲା କରିବା ସହ ସମିତିକୁ ବନ୍ଦ କରିବା ସହ ତହସିଲଦାରଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଧାମନଗର ସମବାୟ ସମିତି ଅଧୀନରେ ପ୍ରତ୍ୟେକ ବର୍ଷ ପ୍ରାୟ ୧୨ ଶହ ରୁ ଉର୍ଦ୍ଧ୍ୱ ଚାଷୀ ଖରିଫ ଅନଲାଇନ ପଞ୍ଜିକରଣ କରି ଧାନ ବିକ୍ରି କରିଥାନ୍ତି। ଏହି ପଞ୍ଜିକରଣ ରେ ବ୍ୟାପକ ଅନିୟମିତତା ଦେଖାଦେବାରୁ ଚଳିତ ବର୍ଷ ରାଜ୍ୟ ସରକାର ପଞ୍ଜିକରଣ ନିୟମରେ ବ୍ୟାପକ ପରିବର୍ତନ କରିଛନ୍ତି।ପ୍ରତ୍ୟେକ ଚାଷୀ ଜମିଜମା ରେକର୍ଡ? ସଂପର୍କିତ ଆଗ୍ରିଷ୍ଟାକ କରିବା,କୃଷିନାମା କରିବା ଓ ଶ୍ରୀଜଗନ୍ନାଥଙ୍କ ମାଲିକାନାରେ ଥିବା ସମ୍ପତ୍ତିକୁ ଅନଲାଇନ ପଞ୍ଜିକରଣ ନକରିବା ଭଳି କେତେକ ଗୁରୁତ୍ୱପୂର୍ଣ ନିୟମ ଆଣିଛନ୍ତି।ପରବର୍ତ୍ତୀ ସମୟରେ ଆଗ୍ରିଷ୍ଟାକରେ ସମସ୍ୟା ହେବାରୁ ସରକାର ଏହାକୁ ହଟାଇ ଦେଇଥିଲେ।ଧାମନଗର ସମିତି ଅଧିନରେ ରାଧାବଲ୍ଲଭପୁର ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଜଗନ୍ନାଥଙ୍କ ନାମରେ ପ୍ରାୟ ୫ ଶହ ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ରହିଛି। ଜଗନ୍ନାଥଙ୍କ ଚାଷ ଜମିକୁ ମାରଫତଦାର ହିସାବରେ ଚାଷ କରି ପ୍ରାୟ ଶତାଧିକ ଚାଷୀ ଅନଲାଇନ ପଞ୍ଜିକରଣ କରି ବହୁ ବର୍ଷ ଧରି ସମିତିକୁ ଧାନ ବିକ୍ରୀ କରି ପରିବାର ପ୍ରତିପୋଷଣ କରୁଛନ୍ତି।ମାରଫତଦାର ହିସାବରେ ଅନଲାଇନ ଜମି ପଟ୍ଟା ବଦଳରେ କେବଳ ଅଫଲାଇନ ଜମି ପଟ୍ଟା ଉକ୍ତ ଚାଷୀଙ୍କ ପାଖରେ ରହିଛି। ହେଲେ ସରକାର ଚଳିତ ବର୍ଷ ଜଗନ୍ନାଥଙ୍କ ଜମିର ରେକର୍ଡ? ରୁ ମାରଫତଦାରଙ୍କ ନାମ ଅନଲାଇନ ଜମିପଟ୍ଟାରୁ ହଟେଇ ଦେବା ସହ ଉକ୍ତ ଚାଷ ଜମିକୁ ଅନଲାଇନ ପଞ୍ଜିକରଣ ନକରିବାକୁ ସମିତି ସମ୍ପାଦକ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାହା ଫଳରେ ସମିତି ଅଧୀନରେ ଥ?ବା ଜଗନ୍ନାଥଙ୍କ ଜମିରେ ଅନଲାଇନ ପଞ୍ଜିକରଣ ନହେବା ଦ୍ୱାରା ଉକ୍ତ ଚାଷ ଜମିକୁ ଚାଷ କରିଥିବା ଶତାଧିକ ଚାଷୀ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଚାଷୀ ମାନେ ଗତ ଶୁକ୍ରବାର ସମିତି କାର୍ଯ୍ୟାଳୟକୁ ଆସି ହୋହାଲ୍ଲା କରିବା ସହ ଅନଲାଇନ ପଞ୍ଜିକରଣ କାର୍ଯ୍ୟକୁ ବନ୍ଦ ରଖିଛନ୍ତି। ଫଳରେ ଅନ୍ୟ ଚାଷୀ ମାନେ ପଞ୍ଜିକରଣ ନକରି ଫେରି ଯାଇଛନ୍ତି। ଚଳିତ ବର୍ଷ ଅଗଷ୍ଟ ମାସ ୬ ତାରିଖରୁ ଆରମ୍ଭହୋଇ ୩୧ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ରହିଛି। ଅଦ୍ୟାବଧି ସମିତି ଅଧିନରେ ୫୩୭ ଜଣ ଚାଷୀ ଅନଲାଇନ ପଞ୍ଜିକରଣ କରିଥିବା ବେଳେ ଆହୁରି ୭ ଶହ ରୁ ଉର୍ଦ୍ଧ୍ୱ ଚାଷୀଙ୍କ ପଞ୍ଜିକରଣ କରିନାହାନ୍ତି। ଏପରି ସ୍ଥଳେ ଶେଷ ତାରିଖ କୁ ଆଉ ମାତ୍ର ୩ ଦିନ ବାକି ଥିବା ବେଳେ ପଞ୍ଜିକରଣ ବନ୍ଦ ରଖିବା ଏକ ବଡ଼ ସମସ୍ୟା ଦେଖାଯାଇଛି । ଏହି ସମସ୍ୟା ଯଦି ଲାଗି ରହେ ତେବେ ବହୁ ଚାଷୀ ଅନଲାଇନ ପଞ୍ଜିକରଣ ରୁ ବଞ୍ଚିତ ହେବେ ବୋଲି ସୂଚନା ମିଳିଛି। ଏସଂପର୍କରେ ସମିତି ସମ୍ପାଦକ ବସନ୍ତ ରାଜ ସାହୁ କହିଛନ୍ତି କିଛି ଅଞ୍ଚଳର ଲୋକ ଜଗନ୍ନାଥ ଙ୍କ ଜମିକୁ ନେଇ ପଞ୍ଜିକରଣ କରିବାକୁ ଆସିଥିଲେ ହେଲେ ସେମାନଙ୍କର ପଞ୍ଜିକରଣ ହୋଇପାରୁ ନାହିଁ ସେଥ?ପାଇଁ ସେମାନେ ବନ୍ଦ ରଖିଛନ୍ତି। ଯେଉଁ ମାନଙ୍କର ସ୍ଥିତିବାନ ସମ୍ପତି ଅଛି ସେମାନଙ୍କ ଅନଲାଇନ ହେବ,ଏଣୁ ବନ୍ଦ ରଖିବା ଦ୍ୱାରା ସେମାନଙ୍କର କୌଣସି କାର୍ଯ୍ୟ ହେଉ ନାହିଁ। ଏହି ଘଟଣାର ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ସମେତ ଧାମନଗର ଥାନା ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଛି ଯାହା ନିର୍ଦ୍ଦେଶ ଆସିବ ପରେ କାର୍ଯ୍ୟ କରାଯିବ। ଅନ୍ୟପଟେ ସମିତି ସଭାପତି ଗୌତମ ମହାନ୍ତି କହିଛନ୍ତି ଜଗନ୍ନାଥ ଙ୍କ ଜମି ଥିବା ଚାଷୀଙ୍କ ପଞ୍ଜିକରଣ ନହେବାରୁ ଅନଲାଇନ ପଞ୍ଜିକରଣ ବନ୍ଦ ରଖିଛନ୍ତି,ଏଥିସହିତ ସ୍ଥିତିବାନ ସମ୍ପତି ଥିବା ଚାଷୀ ମାନେ ବହୁ ହଇରାଣ ହେଉଛନ୍ତି।ଫଳରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ନେଇ ଥାନାରେ ଅଭିଯୋଗ କରାଯାଇଛି। ଏହାସହ ଡି ଆର ସି ଏସ ଙ୍କୁ ମଧ୍ୟ ଅବଗତ କରାଯାଇଛି ଏବଂ ତାଙ୍କ ନିର୍ଦ୍ଦେଶ ମୁତାବକ ନିଷ୍ପତି ନିଆଯିବ ବୋଲି ସୂଚନା ମିଳିଛି। ତେବେ ସରକାରଙ୍କ ନୂଆ ନିୟମ ଅନୁଯାୟୀ କାର୍ଯ୍ୟ କଲେ ଶତାଧିକ ଚାଷୀ ବାଦ୍ ପଡିଯିବା ସମ୍ଭାବନା ରହିଛି। ତେଣୁ ପଞ୍ଜିକରଣ ସମୟସୀମା ବୃଦ୍ଧି ପାଇବା ପାଇଁ ଚାଷୀମାନେ ଦାବି କରିଛନ୍ତି।


**ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର**

**BANPUR NAC**

ନିଖିଳ ଭାରତ ସ୍ୱାୟତ୍ତଶାସନ ଦିବସ-୨୦୨୬ ଅବସରରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ରାଧ ମନକୁ ମନ ଅଭିଯାନ ଏହି ପରିଷଦକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛୁ ।

-: ନିବେଦନ :-

୧. ବାଣପୁର ସହରକୁ ସ୍ୱଚ୍ଛ, ସରସ ଓ ସୁନ୍ଦର କରିବା ପାଇଁ ଆମେ ସମସ୍ତେ ସଂକଳ୍ପ ନେବା ।
୨. ଅଳିଆ ଓ ଆବର୍ଜନାକୁ ପ୍ରଥକୀକରଣ କରି ମଇଳା ସଂଗୃହୀତ ଗାଡ଼ିରେ ଦିଅନ୍ତୁ ।
୩. ବ୍ୟବସାୟୀ ମାନେ Single use Plastic ର ବ୍ୟବହାର କରନ୍ତୁ।
୪. ସର୍ବ ସାଧାରଣ ରାସ୍ତାରେ ଗାଈ ଗୋରୁ ଓ ମଇଳା ପାଣି ଛାଡ଼ନ୍ତୁ ନାହିଁ ।
୫. ସହରର ପରିଷ୍କାର ପରିଚ୍ଛନ୍ନତା କୁ ଦୃଷ୍ଟିରେ ରଖି ନିୟମିତ User Fee ପୈଠ କରନ୍ତୁ ।
୬. ପରିଷଦର ନିକସ ଠିକ୍ ସମୟରେ ନିୟମିତ ପୈଠ କରନ୍ତୁ ।
୭. ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟିକ ପ୍ରମାଣ ପତ୍ର (Trade License) କରି ବ୍ୟବସାୟ କରନ୍ତୁ ।
୮. ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସଦା ସର୍ବଦା ଆପଣଙ୍କ ସେବାରେ ।



ଅଧକ୍ଷ
ଶ୍ରୀଯୁକ୍ତ ନିତୁ ନାୟକ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର



ଉପାଧକ୍ଷ
ଶ୍ରୀମତୀ ପ୍ରତୀଭା ସ୍ୱାର୍ଇ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର



କାର୍ଯ୍ୟ ନିର୍ବାହୀ ଅଧିକାରୀ
ଶ୍ରୀ ସୁନିତରଞ୍ଜନ ସାହୁ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର



**ପୌର ପରିଷଦ, ନୟାଗଡ଼**

**"ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"**

ଆମ ସହର ଆମର ଗର୍ବ ଓ ଗୌରବ

**ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।**

"ସ୍ୱଚ୍ଛତା ହିଁ ସମ୍ମାନ"

"ପୌର ପରିଷଦ ସମ୍ପତ୍ତିର ସୁରକ୍ଷା, ଆମ ସମସ୍ତଙ୍କର ଦାୟିତ୍ୱ"

ଶ୍ରୀଯୁକ୍ତ ଗୁରୁ ପ୍ରସାଦ ଜେନା
ଉପାଧକ୍ଷ

ଶ୍ରୀମତୀ ନିରୂପମା ଖଟେଇ
ଅଧକ୍ଷା

ଏବଂ ସମସ୍ତ ପାରିଷଦ ବର୍ଗ

**ନିର୍ବାହୀ ଅଧିକାରୀ ଓ ସମସ୍ତ କର୍ମଚାରୀ**
ପୌର ପରିଷଦ, ନୟାଗଡ଼

# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା




## ପରିତ୍ୟକ୍ତ କୂଅରୁ ଦୁଇଟି ହେଟା ବାଘ ଉଦ୍ଧାର



**ରାଇଘର(ମହାଭାରତ):**ଜଙ୍ଗଲ ସଂକୁଚିବା ସହ ଖାଦ୍ୟ ଓ ଆଶ୍ରୟ ସନ୍ଧାନରେ ବନ୍ୟଜନ୍ତୁ ଏବେ ଗାଁମୁହାଁ ହେଉଥିବା ଦେଖିବାକୁ ମିଳୁଛି। ଏଭଳି ଏକ ଘଟଣାରେ ରାଇଘର ବ୍ଲକର ବବୋଇ ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଦୁଇଟି ହେଟା ବାଘ ଉଦ୍ଧାର ହୋଇଛନ୍ତି। ଦୁଇ ବନ୍ୟଜନ୍ତୁ କୂଅ ଭିତରେ ପଡ଼ିଥିବା ଖବର ପ୍ରଚାର ହେବା ପରେ ଗ୍ରାମରେ ଆତଙ୍କ ସୃଷ୍ଟି ହେବା ସହ ସେମାନଙ୍କୁ ଦେଖିବା ପାଇଁ ବହୁ ସଂଖ୍ୟକ ଲୋକଙ୍କ ଭିଡ଼ ଜମିଥିଲା।ସୂଚନା ଅନୁସାରେ,ସକାଳୁ ଜଣେ ବ୍ୟକ୍ତି ନିଜ ଜମିକୁ ଯାଉଥିବା ସମୟରେ ଏକ ପରିତ୍ୟକ୍ତ କୂଅ ଭିତରେ ଦୁଇଟି ହେଟା ବାଘ ପଡ଼ିଥିବା ଦେଖିଥିଲେ। ଏନେଇ ସେ ଗ୍ରାମବାସୀଙ୍କୁ ଜଣାଇବା ପରେ ତୁରନ୍ତ ରାଇଘର ବନ ବିଭାଗକୁ ଖବର ଦିଆଯାଇଥିଲା।ଖବର ପାଇ ରାଇଘର ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କୂଅ ଭିତରେ ଦୁଇଟି ବନ୍ୟଜନ୍ତୁ ଥିବା ନିଶ୍ଚିତ କରିଥିଲେ। ଯାଞ୍ଚ ସମୟରେ ଉଭୟ ହେଟା ବାଘ ଆହତ ହୋଇଥିବା ଜଣାପଡ଼ିଥିଲା। ପରେ ଉପରିସ୍ଥ ବନ ଅଧିକାରୀଙ୍କୁ ଅବଗତ କରାଯିବାରୁ ପାପଡ଼ାହାଣ୍ଡିର ଆଶୁ ପ୍ରତିକ୍ରିୟା ଦଳକୁ ଘଟଣାସ୍ଥଳକୁ ପଠାଯାଇଥିଲା।ଦିନ ପ୍ରାୟ ୧୨ଟା ସମୟରେ ଟିମ୍ ଓ ରାଇଘର ବନ ବିଭାଗର କର୍ମଚାରୀମାନେ ମିଳିତ ଭାବେ ଉଭୟ ହେଟା ବାଘଙ୍କୁ ସୁରକ୍ଷିତ ଭାବେ କୂଅରୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ଦୁଇ ବନ୍ୟଜନ୍ତୁଙ୍କୁ ରାଇଘର ପ୍ରାଣୀ ଚିକିତ୍ସାଳୟକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କୁ ପାପଡ଼ାହାଣ୍ଡିସ୍ଥିତ ମୃଗ ବିହାରକୁ ପଠାଯାଇଥିବା ଜଣାପଡ଼ିଛି।ପ୍ରାଥମିକ ଭାବେ ଅନୁମାନ କରାଯାଉଛି ଯେ, ଖାଦ୍ୟ ସନ୍ଧାନରେ ଜଙ୍ଗଲରୁ ଗାଁ ନିକଟକୁ ଆସିଥିବା ବେଳେ ଅସାବଧାନତାବଶତଃ ଦୁଇଟି ହେଟା ବାଘ ପରିତ୍ୟକ୍ତ କୂଅରେ ପଡ଼ିଯାଇଥିଲେ।ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ବନ୍ୟଜନ୍ତୁଙ୍କୁ ନେଇ ଭୟ ସୃଷ୍ଟି ହୋଇଥିବା ବେଳେ ପରିତ୍ୟକ୍ତ କୂଅଗୁଡ଼ିକୁ ସୁରକ୍ଷିତ କରିବା ସହ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନ ଉଠିଛି।

## ବ୍ରାଉନସୁଗାର, ଗଞ୍ଜେଇ ଓ ଚୋରାମଦ ଜବତ,୪ଗିରଫ



**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲାର କେନ୍ଦ୍ରାପଡ଼ା ସଦର, ପାଟକୁରା ଓ ମହାକାଳପଡ଼ା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ହରିଅଙ୍କ ଗ୍ରାମର ଦୋଳଗୋବିନ୍ଦ ମଲିକ(୩୧)ଙ୍କ ନିକଟରୁ ୩୦ ଲିଟର ଚୋରା ବିଦେଶୀ ମଦ, ରାମଚନ୍ଦ୍ରପୁର ଗ୍ରାମର ଅକ୍ଷୟ ରାଉତ(୪୦)ଙ୍କ ନିକଟରୁ ୨୫ ଲିଟର ଚୋରା ଦେଶୀ ମଦ, ବଡ଼ପାଳ ଗ୍ରାମର ଘନଶ୍ୟାମ ବେହେରା (୩୬)ଙ୍କ ନିକଟରୁ ୧.୨ କିଲୋଗ୍ରାମ ଗଞ୍ଜେଇ ଏବଂ ବାସଘର ଗ୍ରାମର ଜୟଜିତ ମଲିକ(୨୨)ଙ୍କ ନିକଟରୁ ୬୫ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଥିଲା। ଉକ୍ତ ଚଢ଼ାଉରେ ସମୁଦାୟ ୬୫ ଗ୍ରାମ ବ୍ରାଉନ ସୁଗାର, ୧.୨ କିଲୋଗ୍ରାମ ଗଞ୍ଜେଇ ଏବଂ ୫୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏହି ସଂପର୍କିତ ମାମଲାରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର ଓ ତ୍ରିବେଣୀ ମହନ୍ତଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

## କେନ୍ଦ୍ରାପଡାରେ ଜାତୀୟ କ୍ରୀଡା ଦିବସ ପାଳିତ



**କେନ୍ଦ୍ରାପଡ଼ା:**ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନର କ୍ରୀଡ଼ା ବିଭାଗ ପକ୍ଷରୁ ସ୍ଥାନୀୟ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମଠାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର.ଆୟର ଯୋଗଦେଇ ହକିର ମହାନାୟକ ତଥା 'ହକିର ଯାଦୁଗର' ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଜୟନ୍ତୀକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଥିବା ସମ୍ପର୍କରେ ଉଲ୍ଲେଖ କରିଥିଲେ। କ୍ରୀଡ଼ା କେବଳ ଶାରୀରିକ ସୁସ୍ଥତା ନୁହେଁ, ଶୃଙ୍ଖଳା, ଦଳଗତ ଭାବନା, ନେତୃତ୍ୱ ଓ ଆତ୍ମବିଶ୍ୱାସ ବିକାଶର ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ସେ କହିଥିଲେ। ଜିଲ୍ଲାର ଯୁବପିଢ଼ି କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ସହ ଜିଲ୍ଲା ଓ ରାଜ୍ୟର ଗୌରବ ବୃଦ୍ଧି କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ।ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅଗଷ୍ଟ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଉତ୍ସବ ପାଳନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାରେ କ୍ରୀଡ଼ାର ବିକାଶ, କ୍ରୀଡ଼ା ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବୃଦ୍ଧି ଏବଂ କ୍ରୀଡ଼ାବିତମାନଙ୍କୁ ପ୍ରୋତ୍ସାହିତ କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ।ଏହି ଅବସରରେ ବ୍ୟାଡମିଣ୍ଟନ, ଖୋ ଖୋ, କବାଡ଼ି ଆଦି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ କ୍ରୀଡ଼ା ସଂଗଠନରୁ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ସୟଦ ଆକମଲ ଅଲ୍ଲୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ କ୍ରୀଡ଼ା ସଂଗଠନର ପ୍ରତିନିଧି, ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତମାନେ ଉପସ୍ଥିତ ଥିଲେ।

# ରାସ୍ତା ନିର୍ମାଣ ପାଇଁ କାଦୁଅ ରାସ୍ତାରେ ବସି ପ୍ରତିବାଦ କରିଛନ୍ତି ଗାଁ ଲୋକେ

ରେଢ଼ାଖୋଲ (ମହାଭାରତ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଭାଲିଆକଟା ପଞ୍ଚାୟତ ଅନ୍ତର୍ଗତ ତୁଡାବାହାଲ ଗ୍ରାମବାସୀ ଦୀର୍ଘଦିନର ରାସ୍ତା ସମସ୍ୟାକୁ ନେଇ ନିଆରା ଢଙ୍ଗରେ ପ୍ରତିବାଦ କରିଛନ୍ତି। ପ୍ରଶାସନକୁ ବାରମ୍ବାର ଜଣାଇବା ସତ୍ତ୍ୱେ ରାସ୍ତା ନିର୍ମାଣ ନହେବାରୁ କ୍ଷୁବ୍ଧ ଗ୍ରାମବାସୀ କାଦୁଅ ଭର୍ତ୍ତି ରାସ୍ତା ଉପରେ ବସି ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି। ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ହେଲେ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ରାସ୍ତା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରୁଥିବାବେଳେ କାଦୁଅ ଭର୍ତ୍ତି



ଓ ଖରାପ ରାସ୍ତା ଯୋଗୁଁ ଅନେକ ସମସ୍ୟା ହେଉଛି। ବିଶେଷକରି ଛାତ୍ରଛାତ୍ରୀଙ୍କ ସ୍କୁଲ ଯିବାରେ ସମସ୍ୟା ହେଉଥିବା ସହ ଜରୁରୀ ସମୟରେ ଆମ୍ବୁଲାନ୍ସ ଗ୍ରାମକୁ ପହଞ୍ଚିବା ମଧ୍ୟ କଷ୍ଟକର ହୋଇପଡୁଛି। ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଜନଶୁଣାଣିରେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବାରୁ ପ୍ରଶାସନର କାର୍ଯ୍ୟଶୈଳୀକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଦି ଆଗାମୀ ଦିନରେ ରାସ୍ତା ନିର୍ମାଣ କରାନଯାଏ, ତେବେ ଗ୍ରାମବାସୀ ସମୂହ ଭାବେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଅଞ୍ଚଳରେ ଥିବା ୫ଟି ଗାଁର ଲୋକେ ଅତି ଦୟନୀୟ ଅବସ୍ଥାରେ ବର୍ଷା ଦିନେ ଯିବା ଆସିବା କରୁଛନ୍ତି। ବର୍ଷା ହେଲା ମାତ୍ରେ ଗାଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଏ ଓରାସ୍ତାଟି ଅତ୍ୟନ୍ତ କାଦୁଅ ଓ ଖାଲଖମା ରେ ଭର୍ତ୍ତି ହୋଇଥିବା ସହ ଟିକିଏ ବର୍ଷା ହେଲେ ରାସ୍ତାରେ ପାଣି ଚାଲିଥାଏ। ଗାଡ଼ି ମୋଟର ତ ଦୂରର କଥା ଖାଲି ପାଦରେ ଚାଲି ଯିବା ମଧ୍ୟ କଷ୍ଟକର ହୋଇ ପଡେ। ଦୀର୍ଘ ବର୍ଷ ହେଲା ଗ୍ରାମବାସୀ ଏହି ରାସ୍ତା ପାଇଁ ସଂଘର୍ଷ ଜାରି ରଖିଛନ୍ତି।ସରକାର ରାସ୍ତାଘାଟର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସତେ ଯେମିତି ପ୍ରଶାସନର ସାବତ ପୁଅ ସାଜିଛନ୍ତି ଭାଲିଆକଟା ଗ୍ରାମପଞ୍ଚାୟତ ଏହି ଗ୍ରାମବାସୀ ଓ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ସେମାନଙ୍କୁ ଅଣଦେଖା କରୁଥିବା ଗ୍ରାମବାସୀ କହିଛନ୍ତି ।

## ନୂଆ ବସଷ୍ଟାଣ୍ଡ ନିକଟରୁ ବିପୁଳ ପରିମାଣର ବେଆଇନ ବିଦେଶୀ ମଦ ଜବତ

**ବିଷମକଟକ, (ମହାଭାରତ):**

ବିଦେଶୀ ମଦର ବେଆଇନ କାରବାର ଓ କଳାବଜାରି ବିରୋଧରେ ବିଷମକଟକ ପୋଲିସକୁ ମିଳିଛି ବଡ଼ ସଫଳତା। ରାୟଗଡ଼ା ଜିଲ୍ଲାର ବିଷମକଟକ ଥାନା ଅଧୀନ ନୂଆ ବସଷ୍ଟାଣ୍ଡ ନିକଟରେ ଅନଲୋଡ୍ କରି ରଖାଯାଇଥିବା ବିପୁଳ ପରିମାଣର ବେଆଇନ ବିଦେଶୀ ମଦ ପେଟିକୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଏକ ବସ୍ ଯୋଗେ ରାୟଗଡ଼ାରୁ ଏହି ବିଦେଶୀ ମଦ ବିଷମକଟକ ଅଞ୍ଚଳକୁ ଆସିଥିଲା। ପରେ ନୂଆ ବସଷ୍ଟାଣ୍ଡର ପଛପଟେ ମଦ ପେଟିଗୁଡ଼ିକୁ ଅନଲୋଡ୍ ? କରାଯାଇ ଗୋପନରେ ରଖାଯାଇଥିବା ଜଣାପଡ଼ିଛି।



ଏନେଇ ବିଷମକଟକ ପୋଲିସ ନିକଟରେ ଖବର ପହଞ୍ଚିବା ପରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ରାତି ଅଧରେ ଅଚାନକ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ସେଠାରେ ରଖାଯାଇଥିବା ବିଦେଶୀ ମଦ ପେଟିଗୁଡ଼ିକୁ ପୋଲିସ ଜବତ କରିଥିଲା। ତେବେ ଏହି ମଦ କେଉଁଠାରୁ ଆସିଥିଲା ଏବଂ କାହା ପାଖକୁ ଯିବା ପାଇଁ ଏଠାରେ ଅନଲୋଡ୍ କରାଯାଇଥିଲା, ସେନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ, ଜବତ ବିଦେଶୀ ମଦର କାରବାର ସହ ରାୟଗଡ଼ା ସହରର ଏକ ନିର୍ଦ୍ଦିଷ୍ଟ ମଦ ଦୋକାନର ସମ୍ପୃକ୍ତି ଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ଏହି ଅଭିଯୋଗର ସତ୍ୟତା ଏଯାବତ୍ ସ୍ପଷ୍ଟ ହୋଇନାହିଁ। ପୋଲିସର ତଦନ୍ତ ପରେ ହିଁ ଏହି ମଦ କାରବାରର ପ୍ରକୃତ ଉତ୍ସ ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିବ। ଏହି ଘଟଣା ପରେ ବିଷମକଟକ ଅଞ୍ଚଳରେ ବେଆଇନ ବିଦେଶୀ ମଦ କାରବାରକୁ ନେଇ ଚର୍ଚ୍ଚା ଜୋର ଧରିଛି। ଘଟଣାରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଛି ଏବଂ ମଦ ଚାଲାଣର ପଛରେ କେଉଁ ଚକ୍ର କାମ କରୁଛି, ତାହା ଜାଣିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

## ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସାଙ୍ଗଠନିକ ବୈଠକ

**ପାଟଣାଗଡ,(ମହାଭାରତ):** ପାଟଣାଗଡ଼ ସ୍ଥାନୀୟ ଆଦିବାସୀ ଭବନ ବ୍ରହ୍ମପୁରା ଠାରେ ଆଦିବାସୀ କଲ୍ୟାଣ ସଂଘ ଆହ୍ୱାନ କ୍ରମେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ପାଟଣାଗଡ଼ ଶାଖା, ଖପ୍ରାଖୋଲ ଶାଖା, ବେଲପଡା ଶାଖା, ପାଟଣାଗଡ଼ ଏନ. ଏ. ସି ତଥା ଶବର, ବିଞ୍ଝାଲ,ଗୋଣ୍ଡ, କନ୍ଧ, ଦଳ,ମିର୍ଦ୍ଧା, ମୁଣ୍ଡା ସମାଜର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଶବର ସମାଜର ପାଟଣାଗଡ଼ ଉପଖଣ୍ଡ ସଭାପତି ଚନ୍ଦ୍ର ଶବର ଙ୍କ ସଭାପତିତ୍ୱରେ ଏବଂ ଏସ.ଟି/ଏସି. ସି.କର୍ମଚାରୀ ସଂଘର ପାଟଣାଗଡ଼ ଉପଖଣ୍ଡ ସଭାପତି ଖୁସିରାମ ମଲ୍ଲିକ ଙ୍କ ପରିଚାଳନାରେ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଥିଲା।ଆଦିବାସୀ ସଂଘକୁ ତୃଣମୂଳ ସ୍ତରରୁ ଆହୁରି ମଜବୁତ କରିବାକୁ ହେଲେ ଦଳ, ମତ, ନିର୍ବିଶେଷରେ ରାଜନୀତିର ଉର୍ଦ୍ଧ୍ୱରେ ରହି କାମ କରିବାକୁ ଆହ୍ୱାନ ଦେଇଥିଲେ



। ଉଭୟ ସରକାରର ଆଦିବାସୀ ମାରଣ ନୀତି ଯଥା - ଅନ୍ୱେଷା ଯୋଜନା ବନ୍ଦ କରିବା ଷଡଯନ୍ତ୍ର, ଆଦିବାସୀ ସେବା ଶ୍ରମ କନ୍ୟାଶ୍ରମରେ ଉଚ୍ଚ ମାନର ଶିକ୍ଷା ବଦଳରେ ଶିକ୍ଷାର ମାନ କମିବା ସହ ଛାତ୍ରଛାତ୍ରୀ ସଂସ୍କାରିତ ହେବା ବଦଳରେ ବିପଥଗାମୀ ଆଡ଼କୁ ଯାଉଛନ୍ତି,ହଷ୍ଟେଲ ମାନଙ୍କରେ ଷ୍ଟାଫଙ୍କ ଅବହେଳା ଯୋଗୁଁ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ହେବା, ନାବାଳିକା ଛାତ୍ରୀ ମାନେ ଗର୍ଭବତୀ ହେବା, ସୋଲବନ୍ଧ କସ୍ତୁର୍ବା ସେବା ଶ୍ରମରେ ଜଣେ ଆଦିବାସୀ ଛାତ୍ରୀଙ୍କ ମୃତ୍ୟୁ ହେବା, କଣ୍ଟାବାଞ୍ଜି ଅନ୍ୱେଷା ହଷ୍ଟେଲ ରେ ଛାତ୍ରଙ୍କ ମୃତ୍ୟୁ ଘଟଣା ଅତ୍ୟନ୍ତ ଦୁଃଖଦାୟକ । ସରକାର ଆଦିବାସୀ ମାନଙ୍କୁ ଜଙ୍ଗଲ ଜମି ପଟ୍ଟା ଦେବା ବଦଳ ରେ ଜଙ୍ଗଲ ଅଧିକାର ଆଇନ କୁ ପଙ୍ଗୁ କରିଦେବା । ଆଦିବାସୀ ଅଞ୍ଚଳରେ ଖଣି ଖନନ ହେଲେ ଆଦିବାସୀ ମାନେ ଭିଟା ମାଟି ହରେଇବେ, ଜୀବନ ଜୀବିକା ହରେଇବେ, ପରିବେଶ ଦୂଷିତ ହୋଇ ନେପାଳ ଭଳି ବନ୍ୟା ପରିସ୍ଥିତିକୁ ଏଡ଼େଇ ଦିଆ ଯାଇ ନପାରେ । ଗନ୍ଧମାର୍ଦ୍ଦନ ପାହାଡ଼କୁ ଜାତୀୟ ସମ୍ପତ୍ତି ଘୋଷଣା ସହ ଗନ୍ଧମାର୍ଦ୍ଦନ ପାହାଡ଼କୁ ଆଦାନୀ, ଅମ୍ବାନୀ ହାତରେ ନଟେକି ବିଧାନସଭାରେ ସଂସଦରେ ଶ୍ୱେତ ପତ୍ର ଜାରୀ କରିବାରେ ସରକାର ବିଳମ୍ବ କରୁଥିବାରୁ ସଭାରେ କ୍ଷୋଭ ପ୍ରକାଶ କରିଥିଲେ । ବଲାଙ୍ଗୀର ଜିଲ୍ଲାରେ ପ୍ରସ୍ତାବିତ ବିଭିନ୍ନ ଗ୍ରାଫାଇଟ, ମାଙ୍ଗାନିଜ ଖଣି ଯଥା ସାଲେପାଲି, ତମିଆ, ଭରତବାହାଲ, ଲରମ୍ବା, ବବଜା, ରେଙ୍ଗାଲି ଇତ୍ୟାଦି ଗ୍ରାମରେ ଯଦି ଖଣି ଖନନ କଲେ ଆନ୍ଦୋଳନକୁ ଜୋରଦାର କରାଯିବ । ଦୈନନ୍ଦିନ ବ୍ୟବହାର ହେଉଥିବା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଯଥା - ଚିନି, ତେଲ, ଗ୍ୟାସ ଅନ୍ୟାନ୍ୟ ଜିନିଷର ଅହେତୁକ ଦରଦାମକୁ ଘୋର ନିନ୍ଦା କରିଥିଲେ । ଚାଷୀ ମାନଙ୍କୁ ଧାନ ବିକ୍ରି କାର୍ଡ କରିବାରେ, ଚାଷ ବୀମା କରିବାରେ ଅଯଥା ସରକାର ହଇରାଣ କରୁଛନ୍ତି ।

## ଜିଲ୍ଲା ସଡକ ସୁରକ୍ଷା କମିଟି ସମୀକ୍ଷା ବୈଠକ ଅନୁଷ୍ଠିତ

**ପୁରୀ :** ସଡକକୁ ସୁରକ୍ଷିତ ରଖାଯାଇପାରିଲେ ସଡ଼କ ସୁରକ୍ଷା ସହଜ ହୋଇ ପାରିବ। ସଡକ ର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ହେବା ଉଚିତ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ। ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ପରିବହନ ବିଭାଗ ପକ୍ଷରୁ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧ୍ୟକ୍ଷତା କରି ଶ୍ରୀ ଭୋଇ ସଡକ ସୁରକ୍ଷା ପାଇଁ ଥିବା ନିୟମ,ମାର୍ଗଦର୍ଶିକା କୁ ଅନୁପାଳନ କରାଗଲେ ନିଶ୍ଚିତ ଭାବେ ଦୁର୍ଘଟଣା ହ୍ରାସ ପାଇବ ବୋଲି କହିଥିଲେ।ଏସ ପି ପ୍ରତୀକ ସିଂ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ଧରପଗଡ ଜାରି ରଖିବା,ଲୋକ ମାନଙ୍କୁ ସଚେତନ କରାଇବା, ଦୁର୍ଘଟଣା ପ୍ରବଣ ସ୍ଥାନ ଓ କାରଣ ଚିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ପରସ୍ପର ସୁସମନ୍ୱୟ ରଖି କାର୍ଯ୍ୟ କଲେ ସଡକ ସୁରକ୍ଷା ସଫଳ ହେବା ସହ ଅନେକ ମୂଲ୍ୟବାନ ଜୀବନ ରକ୍ଷା ହୋଇ ପାରିବ ବୋଲି ଶ୍ରୀ ସିଂ କହିଥିଲେ। ରାସ୍ତା ର ମଧ୍ୟ ସ୍ଥାନ ରେ ଗଛ,ଘାସ ଇତ୍ୟାଦି ଖାଇବା ଲୋଭରେ ଗୋରୁଗାଈ ମାନେ ଆସୁଛନ୍ତି, ସେଠାରେ ଶୋଉଛନ୍ତି।ଯାହା ଫଳରେ ଦୁର୍ଘଟଣା ହେଉଛି।ତେଣୁ ଏହାର ନିରାକରଣ ପାଇଁ ଗୋରୁଗାଈ ଖାଉ ନ ଥିବା ଗଛ ଲଗାଇବା,ଦୁଇ ପଟେ ଗୋରୁଗାଈ ନ ପଶିବା ପରି ବାଡ ବ୍ୟବସ୍ଥା କରିବା,ବିନା ହେଲମେଟ ଓ ଦ୍ରୁତ ଗାଡି ଚାଳନା ଯାଞ୍ଚ, ଗୋରୁଗାଈ ଙ୍କ ବେକରେ ରାତିରେ ଉଜ୍ଜ୍ୱଳ ଦିଶୁଥିବା ରେଡିୟମ କଲର ବେଲ୍ଟ ଲଗାଇବା, ସଚେତନତା ସାଇନ ଏଜ ଲଗାଇବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।ଦୁର୍ଘଟଣା ଗ୍ରସ୍ତ ଙ୍କୁ ସାହାଯ୍ୟ କ୍ଷେତ୍ରରେ ଥିବା ବ୍ୟବସ୍ଥା ସମ୍ପର୍କରେ,ସଡକ ସୁରକ୍ଷା ସମ୍ପର୍କରେ ଜନ ସଚେତନତା ସୃଷ୍ଟି ପାଇଁ ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ଅମିତ ରଣା ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାରେ ୨୦୨୬ ଜୁଲାଇ ମାସ ସୁଦ୍ଧା ୨୭୭ ଟି ରାସ୍ତା ଦୁର୍ଘଟଣା ହୋଇଥିବା ବେଳେ ୮୯ ଜଣଙ୍କ ର ମୃତ୍ୟୁ ଘଟିଛି।୨୦୨୫ ରେ ଜୁଲାଇ ସୁଦ୍ଧା ୩୭୪ ଟି ଦୁର୍ଘଟଣା ଘଟିଥିବା ବେଳେ ୧୩୩ ଜଣଙ୍କ ର ମୃତ୍ୟୁ ଘଟିଥିଲା।୨୦୨୬ ଜୁଲାଇ ସୁଦ୍ଧା ୭୫୪୨ ବିନା ହେଲମେଟ କ୍ଷେତ୍ରରେ ,ଦ୍ରୁତ ଗତିରେ ଗାଡି ଚାଳନା କ୍ଷେତ୍ରରେ ୨୪୫୬ ମାମଲା, ସିଟବେଲ୍ଟ ଉଲ୍ଲଙ୍ଘନ କ୍ଷେତ୍ରରେ ୧୬୫ ଜଣ,ଗାଡି ଚାଳନା ବେଳେ ମୋବାଇଲ ବ୍ୟବହାର କ୍ଷେତ୍ରରେ ୧୦୩୧ ଜଣ, ମାଦକ ଦ୍ରବ୍ୟ ସେବନ କରି ଗାଡି ଚାଳନା କ୍ଷେତ୍ରରେ ୧୨୯୬ ଜଣ,ଭୁଲ ସାଇଡରେ ଗାଡି ଚାଳନା ପାଇଁ ୮୦ ଜଣ, ଅନ୍ୟାନ୍ୟ ମୋଟର ଯାନ ସମ୍ପର୍କିତ ଉଲ୍ଲଙ୍ଘନ କ୍ଷେତ୍ରରେ ୩୭୪୦୫ ଚିହ୍ନଟ କରାଯାଇଥିଲା।ଏହି ସମସ୍ତ ଘଟଣାରେ ମୋଟ ୫୦୧୦୬ ଇ ଚାଲାଣ କରାଯାଇଛି ଓ ୧୩୫୧ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ସଚିନ ପଟେଲ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଏନ ଆଇ ସିର ଡିଆଇଓ ଦୁର୍ଗା ପ୍ରସାଦ ଜେନା,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୋବିନ୍ଦ ହେମ୍ବ୍ରମ, ବସ ମାଲିକ ସଂଘର ସଭାପତି ଲୋକନାଥ ପାଣି,ସମ୍ପାଦକ, ଟୁରିଷ୍ଟ ବସ ମାଲିକ ସଂଘ ସଭାପତି, ସମ୍ପାଦକ ପୁରୀ ବେସରକାରୀ ବସ ମାଲିକ ସଂଘର ପ୍ରତିନିଧି, ଟାଉନ ବସ ମାଲିକ ସଂଘର ପ୍ରତିନିଧି,ଜାତୀୟ ରାଜପଥ ପ୍ରତିନିଧି, ଏଆରଟିଓ ଦେବାଶିଷ ପଣ୍ଡା,ଅନ୍ୟାନ୍ୟ ବିଭାଗର ଅଧିକାରୀ,ବସ ମାଲିକ ସଂଘର ପ୍ରତିନିଧି ଓ ସଦସ୍ୟ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ଶେଷରେ ଏମଭିଆଇ ବାମଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ

# ବିଶୁଦ୍ଧ ପାନୀୟଜଳକୁ ଚାତକ ଭଳି ଚାହିଁ ବସିଛନ୍ତି ଲାଉମାଳ ଗ୍ରାମବାସୀ

**ସମ୍ବଲପୁର,:**

ପାନୀୟଜଳ ଜନସାଧାରଣ ଠାରୁ ଆରମ୍ଭ କରି ଜୀବଜଗତର ସର୍ବନିମ୍ନ ମୌଳିକ ଆବଶ୍ୟକତା । ବିଶେଷତଃ ଜନସାଧାରଣ ଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ସରକାରଙ୍କ ନୈତିକ ଦାୟିତ୍ୱ ଅଟେ । ତେବେ ସମ୍ବଲପୁର ଜିଲ୍ଲାର କତରବଗା ପଞ୍ଚାୟତ ଅନ୍ତର୍ଗତ ଲାଉମାଲ ର ଭୂତଳ ଜଳସ୍ତର ପାତାଳଗାମୀ ହୋଇଯିବା ଫଳ ରେ ଗ୍ରାମବାସୀ ଧାରା ଶ୍ରାବଣ ମାସରେ ବି ତୃଷାର୍ତ୍ତ ଅଛନ୍ତି । ସରକାର ଙ୍କ ବସୁଧା ଯୋଜନା, ଘର୍ ଘର୍ ନଲ୍ ଯୋଜନା ରେ ବିଶୁଦ୍ଧ ପାନୀୟଜଳ ଜଳ ଯୋଗାଣ ଗ୍ରାମବାସୀଙ୍କ ପାଇଁ ସାତ ସପନ । ଏହି ଯୋଜନା ର ପାଣି କେବେ ଆସିବ ବୋଲି ଚାତକ ଭଳି ଚାହିଁ ବସିଛନ୍ତି ଗ୍ରାମବାସୀ । ଗ୍ରାମ ରେ ଥିବା ସମସ୍ତ ନଳକୂପ ଶୁଷ୍କ ହୋଇ ପଡିଛି । ଧନୀକ ଶ୍ରେଣୀ ର ଲୋକେ ପାନୀୟଜଳ ସମସ୍ୟା ରୁ ତ୍ରାହି ପାଇବାକୁ ଗଭୀର ନଳକୂପ ପାଇଁ ୮/ ୯ ଶହ ଫୁଟ୍ ପର୍ଯ୍ୟନ୍ତ ଖନନ କଲେ ବି



ପାଣି ବାହାରୁ ନାହିଁ । ଗ୍ରାମବାସୀ ପାନୀୟଜଳ ସକାଶେ ଅକଥନୀୟ ସମସ୍ୟା ର ଙ୍କ ଏକମାତ୍ର ସାହା ଭରସା ଗାଁ ରୁ ୧ କିଲୋମିଟର ଦୂର ରେ ଥିବା ସମଲେଶ୍ୱରୀଙ୍କ ମନ୍ଦିର ପାଖରେ ଥିବା ନଳକୂପ ଉପରେ ନିର୍ଭର କରୁଛନ୍ତି । ସମଲେଶ୍ୱରୀ ମନ୍ଦିର ପାଖ ରେ ଥିବା ନଳକୂପ ରେ ମଧ୍ୟ ବହୁତ କମ୍ ପାଣି ବାହାରୁଛି ବୋଲି ଗ୍ରାମବାସୀଙ୍କ ଠାରୁ ପ୍ରକାଶ । ପାନୀୟଜଳ ସଂଗ୍ରହ ପାଇଁ ଏହି ନଳକୂପ ରେ ଗ୍ରାମବାସୀଙ୍କ ଗହଳି ଲାଗି ରହୁଛି । ଗ୍ରୀଷ୍ମଋତୁ ଆରମ୍ଭ ନହେଉଣୁ ଏହି ନଳକୂପ ମଧ୍ୟ ଶୁଷ୍କ ହୋଇ ଯାଏ । ଗ୍ରାମବାସୀଙ୍କ ସୂତ୍ର ରୁ ପ୍ରକାଶ ଯେ ପଞ୍ଚାୟତ ପକ୍ଷରୁ ଗ୍ରୀଷ୍ମ ଋତୁ ରେ ଟେଙ୍କର୍ ଯୋଗେ ୨/୩ ମାସ ପାନୀୟଜଳ ଯୋଗାଣ ର ବ୍ୟବସ୍ଥା କରାଯାଇ ଥାଏ । କିନ୍ତୁ ତାହା ସମୁଦ୍ର କୁ ଶଂଖେ ସଦୃଶ । ଟେଙ୍କର୍ ପାଣି ଯୋଗାଣ ରେ ବ୍ୟତିକ୍ରମ ଦେଖାଯାଏ ବୋଲି ଅଭିଯୋଗ ହେଉଛି । ଗ୍ରୀଷ୍ମ ଋତୁ ପରେ ଟେଙ୍କର୍ ଯୋଗେ ପାନୀୟଜଳ ଯୋଗାଣ ବନ୍ଦ କରି ଦିଆଯାଏ । ଗ୍ରାମ ରେ ବର୍ଷ ତମାମ ପାନୀୟଜଳ ର ଉତ୍କଟ ଅଭାବ ଦୃଷ୍ଟି ରୁ ବର୍ଷ ସାରା ଟେଙ୍କର୍ ଯୋଗେ ପାନୀୟଜଳ ଯୋଗାଣ ର ବ୍ୟବସ୍ଥା କରାଯିବା ର ନିତାନ୍ତ ଜରୁରୀ ହୋଇପଡିଛି । କତରବଗା ପଞ୍ଚାୟତ ର ଜମି ଅଧିଗ୍ରହଣ କରି ବହରାଷ୍ଟ୍ରିୟ କମ୍ପାନୀ ର କାରଖାନା ସ୍ଥାପିତ ହୋଇଛି । ପାନିୟଜଳ ଯୋଗାଣ କରିବା ସଂପୃକ୍ତ କମ୍ପାନୀ ର ନୈତିକ ଦାୟିତ୍ୱ ହୋଇ ଥିବା ସତ୍ତ୍ୱେ ଉକ୍ତ ଦାୟିତ୍ୱ ନିର୍ବାହ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି । ଜିଲ୍ଲାପାଳ ଏହି ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ ଘର୍ ଘର୍ ନଳ ଯୋଜନା କାର୍ଯ୍ୟକ୍ଷମ ନହେବା ପର୍ଯ୍ୟନ୍ତ ଲାଉମାଲ ଗ୍ରାମବାସୀଙ୍କୁ ଟେଙ୍କର୍ ଯୋଗେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ବର୍ଷ ତମାମ ଜାରି ରଖିବାକୁ ଦାବୀ ହେଉଛି ।

ମତ ଓ ମନ୍ତବ୍ୟ- ଗ୍ରାମ୍ୟ ଜଳଯୋଗାଣ ବିଭାଗ ର କନିଷ୍ଠ ଯନ୍ତ୍ରୀ ଇନ୍ଦୁମତୀ ପାଣ୍ଡେ ଙ୍କୁ ଲାଉମାଲ ଗ୍ରାମ ର ପାନିୟଜଳ ସମସ୍ୟା ସଂକ୍ରାନ୍ତ ରେ ପଚରା ଯିବାରୁ ଭୂତଳ ଜଳସ୍ତର ଅତି ନିମ୍ନଗାମୀ ହେବା ଫଳ ରେ ନଳକୂପ ଶୁଷ୍କ ରହୁଛି ବୋଲି ସ୍ୱୀକାର କରି ଥିଲେ । ଘର୍ ଘର୍ ନଲ୍ ଯୋଜନା ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ କତରବଗା ଗ୍ରାମ ରେ କାମ ଚାଲିଛି । ଲାଉମାଲ ଗ୍ରାମ କୁ ମଧ୍ୟ ଏହି ଯୋଜନା ରେ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ କରାଯିବ ବୋଲି କହିଛନ୍ତି । କତରବଗା ପଞ୍ଚାୟତ ସରପଞ୍ଚ ନିଳାମ୍ବର ରୋହିଦାସ ଙ୍କ ମତାମତ ସଂଗ୍ରହ ପାଇଁ ଅନେକ ଥର ଯୋଗାଯୋଗ କରାଯାଇ ଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ ।

# ନେପାଳରେ ବନ୍ୟାର ଭୟଙ୍କର ପ୍ରଭାବ, ବିଦ୍ୟୁତ୍ ସଙ୍କଟରେ ସହଯୋଗର ହାତ ବଢ଼ାଇଲା ଭାରତ



କାଠମାଣ୍ଡୁ : ପ୍ରକୃତିର ତାଣ୍ଡବରେ ଛାରଖାର ହୋଇଛି ନେପାଳ । ଆକସ୍ମିକ ବନ୍ୟା ଯୋଗୁଁ ଦେଶର ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ ଉପରେ ପଡ଼ିଛି ବଡ଼ ପ୍ରଭାବ। ଅନେକ ପ୍ରକଳ୍ପ କ୍ଷତିଗ୍ରସ୍ତ ହେବାରୁ ପ୍ରାୟ ୫୫୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା କମିଯାଇଛି। ଏଭଳି ସ୍ଥିତିରେ ନେପାଳର ସହାୟତା ପାଇଁ ଆଗେଇ ଆସିଛି ଭାରତ । ନେପାଳରେ ବିଦ୍ୟୁତ୍ ଅଭାବ ଦେଖାଦେଲେ ଭାରତ ଆବଶ୍ୟକତା ଅନୁସାରେ ଅତିରିକ୍ତ ବିଦ୍ୟୁତ୍ ଯୋଗାଇବାକୁ ପ୍ରସ୍ତୁତ ରହିଛି। ଏହାଦ୍ୱାରା ବନ୍ୟା ପରେ ନେପାଳର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ସ୍ୱାଭାବିକ କରିବାରେ ସହାୟତା ମିଳିବ।

ବନ୍ୟା ଯୋଗୁଁ ଜଳବିଦ୍ୟୁତ୍ ଉତ୍ପାଦନରେ ହୋଇଥିବା ହ୍ରାସକୁ ଦୃଷ୍ଟିରେ ରଖି ନେପାଳ ଭାରତଠାରୁ ଅତିରିକ୍ତ ବିଦ୍ୟୁତ୍ ଆମଦାନୀ ପାଇଁ ଅନୁମତି ବଢ଼ାଇବାକୁ ଅନୁରୋଧ କରିଛି । ଭାରତର ବିଦ୍ୟୁତ୍ ମନ୍ତ୍ରଣାଳୟ ଅଧିକାରୀଙ୍କ ଅନୁସାରେ, ନେପାଳର ଚାହିଦା ଅନୁସାରେ ବିଦ୍ୟୁତ୍ ଯୋଗାଇ ଦିଆଯିବ। ଭାରତୀୟ ଅଧିକାରୀଙ୍କ କହିବା ଅନୁସାରେ, ନେପାଳକୁ ଅତିରିକ୍ତ ବିଦ୍ୟୁତ୍ ଯୋଗାଇଲେ ମଧ୍ୟ ଭାରତର ଘରୋଇ ବିଦ୍ୟୁତ୍ ଯୋଗାଣ ଉପରେ ବଡ଼ ପ୍ରଭାବ ପଡ଼ିବ ନାହିଁ। ଦେଶର ମଜବୁତ ପାୱାର ଗ୍ରିଡ୍ ଓ ପର୍ଯ୍ୟାପ୍ତ ଉତ୍ପାଦନ କ୍ଷମତା ଯୋଗୁଁ ଏହି ଅତିରିକ୍ତ ଚାହିଦାକୁ ପୂରଣ କରାଯାଇପାରିବ।

ଅଗଷ୍ଟ ୨୬ରେ ତ୍ରିଶୁଳୀ ଓ ଲେଣ୍ଡେ ଖୋଲା ନଦୀ ଅବବାହିକାରେ ହଠାତ୍ ବନ୍ୟା ଆସିଥିଲା। ଏହାର ପ୍ରଭାବରେ ନେପାଳର ରସୁୱା ଓ ନୁୱାକୋଟ୍ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପର କାର୍ଯ୍ୟ ଠପ୍ ହୋଇଯାଇଛି । ବନ୍ୟା ପୂର୍ବରୁ ନେପାଳର ସ୍ଥାପିତ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୪,୨୦୦ ମେଗାୱାଟ୍‌ରୁ ଅଧିକ ଥିଲା । କିନ୍ତୁ ବନ୍ୟା ପରେ ପ୍ରାୟ ୫୫୦ ମେଗାୱାଟ୍ ଉତ୍ପାଦନ କ୍ଷମତା ପ୍ରଭାବିତ ହୋଇଛି। ଏହାର ପ୍ରଭାବ ଭାରତକୁ ହେଉଥିବା ନେପାଳର ବିଦ୍ୟୁତ୍ ଯୋଗାଣ ଉପରେ ମଧ୍ୟ ପଡ଼ିଛି । ପ୍ରାୟ ୪୦୦ ମେଗାୱାଟ୍ ବିଦ୍ୟୁତ୍ ଯୋଗାଣ କମିଥିବା ଜଣାପଡ଼ିଛି। ବନ୍ୟାରେ ନେପାଳର ୯ଟି ଜଳବିଦ୍ୟୁତ୍ ପ୍ରକଳ୍ପ ବିଶେଷ ଭାବେ ପ୍ରଭାବିତ ହୋଇଛି। ଏହି ପ୍ରକଳ୍ପଗୁଡ଼ିକରେ କାମ କରୁଥିବା ପ୍ରାୟ ୫୩୭ ଜଣ କର୍ମଚାରୀ ନିଖୋଜ ଥିବା ସୂଚନା ମିଳିଛି । କାଦୁଅ ଓ ମାଟିରେ ଅନେକ ସୁଡ଼ଙ୍ଗ ବନ୍ଦ ହୋଇଯାଇଥିବାରୁ ଭିତରେ ଫସିଥିବା ଲୋକଙ୍କୁ ଖୋଜିବା ଉଦ୍ଧାରକାରୀ ଦଳ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ତଥାପି ନିଖୋଜ ଲୋକଙ୍କୁ ଖୋଜିବା ଓ ଉଦ୍ଧାର କରିବା ପାଇଁ ଅଭିଯାନ ଜାରି ରହିଛି । ବନ୍ୟା ପରେ ନେପାଳର ବିଦ୍ୟୁତ୍ ବ୍ୟବସ୍ଥା ଉପରେ ବଡ଼ ଚାପ ସୃଷ୍ଟି ହୋଇଥିବାବେଳେ, ସଙ୍କଟ ସମୟରେ ଭାରତର ବିଦ୍ୟୁତ୍ ସହଯୋଗ ନେପାଳ ପାଇଁ ଆଶ୍ୱାସନ ପାଲଟିଛି ।

# ଡିଜିଟାଲ୍ ଆରେଷ୍ଟ ସ୍କାମ୍: ସଂସଦର ଆଇନକୁ ଅପେକ୍ଷା ନକରି ପଦକ୍ଷେପ ନେଇଛନ୍ତି: ସିଜେଆଇ



ଲଣ୍ଡନ: ଭାରତରେ ମିଥ୍ୟା ଭିଡିଓ କଲ୍ ମାଧ୍ୟମରେ ସରକାରୀ ଅଧିକାରୀଙ୍କ ପରିଚୟ ଦେଇ ନିରୀହ ନାଗରିକମାନଙ୍କୁ ଲୁଟ୍ କରୁଥିବା 'ଡିଜିଟାଲ୍ ଆରେଷ୍ଟ' ଭଳି ନୂତନ ଆପରାଧିକ ସ୍କାମ୍ ବିରୋଧରେ ସଂସଦର ଆଇନ ପ୍ରଣୟନକୁ ଅପେକ୍ଷା ନକରି ଭାରତୀୟ ନ୍ୟାୟପାଳିକା ସ୍ୱତଃପ୍ରବୃତ୍ତ ଭାବେ କଠୋର ପଦକ୍ଷେପ ଗ୍ରହଣ କରିଛି ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ପ୍ରକାଶ କରିଛନ୍ତି। ଲଣ୍ଡନଠାରେ ଆୟୋଜିତ ୪୩ ତମ ଆର୍ଥିକ ଅପରାଧ ଅନ୍ତର୍ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ଭାଷଣରେ ସେ ସ୍ପଷ୍ଟ କରିଛନ୍ତି ଯେ ସର୍ବୋଚ୍ଚ ଅଦାଲତ ଏହି ସାଙ୍ଘାତିକ ମାମଲାକୁ ଗମ୍ଭୀରତାର ସହ ଗ୍ରହଣ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏହାର ବ୍ୟାପକତା ଅନୁଧ୍ୟାନ କରିବା ସହ ଦଣ୍ଡବିଧାନ ପାଇଁ ଏକ ସ୍ୱତନ୍ତ୍ର ଆପରାଧିକ ଧାରା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଧାନ ବିଚାରପତି ଆର୍ଥିକ ଅପରାଧ ରୋକିବା ପାଇଁ ଭାରତର ପିଏମ୍ଏଲ୍ଏ ଏବଂ ପଳାତକ ଆର୍ଥିକ ଅପରାଧୀ ଆଇନର ଉଦାହରଣ ଦେଇ କହିଛନ୍ତି ଯେ ଏହି ବ୍ୟବସ୍ଥାଗୁଡ଼ିକ ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ ନୁହନ୍ତି। ତଦନ୍ତକାରୀ ସଂସ୍ଥା ଦ୍ୱାରା ଏହାର ଅପବ୍ୟବହାର କରାଯାଉଥିବା ନେଇ ବହୁ ଅଭିଯୋଗ ଆସିବା ପରେ ନ୍ୟାୟପାଳିକା ସର୍ବଦା ନାଗରିକଙ୍କ ସୁରକ୍ଷା ପାଇଁ ହସ୍ତକ୍ଷେପ କରିଛି। ଗିରଫଦାରୀର ସମସ୍ତ କାରଣ ଅଭିଯୁକ୍ତଙ୍କୁ କେବଳ ଶୁଣାଇବା ପରିବର୍ତ୍ତେ ଲିଖିତ ଆକାରରେ ପ୍ରଦାନ କରିବାକୁ କୋର୍ଟ ବାଧ୍ୟତାମୂଳକ କରିଛନ୍ତି। ଏଥିସହ 'ଅରବିନ୍ଦ କେଜ୍ରିୱାଲ ବନାମ ସିବିଆଇ' ମାମଲାର ମୁଖ୍ୟ ରାୟକୁ ଉଦ୍ଧାର କରି ସେ କହିଛନ୍ତି ଯେ ବିଚାର ପ୍ରକ୍ରିୟା ପୂର୍ବରୁ ଦୀର୍ଘ ଦିନ ଧରି ଜେଲ୍‌ରେ ରଖିବା ବ୍ୟବସ୍ଥାକୁ ଭିନ୍ନ ଉପାୟରେ ଦଣ୍ଡରେ ପରିଣତ କରାଯାଇପାରିବ ନାହିଁ, ଯାହା ଆଧାରରେ ଜାମିନ ପ୍ରଦାନ କରାଯାଇଥିଲା। କୌଟିଲ୍ୟଙ୍କ 'ଅର୍ଥଶାସ୍ତ୍ର' ପ୍ରସଙ୍ଗ ଉପସ୍ଥାପନ କରି ପ୍ରଧାନ ବିଚାରପତି ଦର୍ଶାଇଛନ୍ତି ଯେ ସରକାରୀ ଧନର ହେରଫେର ପ୍ରାଚୀନ କାଳରୁ ଏକ ପ୍ରଶାସନିକ ଆହ୍ୱାନ ରହିଆସିଛି। ଆର୍ଥିକ ଅପରାଧ କୌଣସି ଦେଶର ସାର୍ବଭୌମତ୍ୱକୁ ସମ୍ମାନ ଦିଏ ନାହିଁ। ତେଣୁ ବିଶ୍ୱସ୍ତରରେ ଚୋରି ହେଉଥିବା ବ୍ୟାପକ ସମ୍ପତ୍ତିର ମାତ୍ର ଏକ ପ୍ରତିଶତ ଉଦ୍ଧାର କରାଯାଇପାରୁଥିବାରୁ ସମସ୍ତ ରାଷ୍ଟ୍ର ମଧ୍ୟରେ ପାରସ୍ପରିକ ଆଇନଗତ ସହାୟତା ଏବଂ ଗୁପ୍ତଚର ସୂଚନା ଆଦାନପ୍ରଦାନକୁ ସ୍ପଷ୍ଟ ଭାବେ ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଛନ୍ତି।

# ମେଘାଳୟରେ ବିଜେପି ସହିତ ମିଶ୍ରଣ ପାଇଁ ଯୋଗାଯୋଗରେ ୯ ୟୁଡିପି ବିଧାୟକ



ସିଲଂ: ମେଘାଳୟର ରାଜନୈତିକ ସମୀକରଣରେ ନାଟକୀୟ ପରିବର୍ତ୍ତନ ଆସିବାକୁ ଯାଉଛି। ବିଜେପିରେ ମିଶ୍ରଣ ପାଇଁ ୟୁନାଇଟେଡ ଡେମୋକ୍ରାଟିକ ପାର୍ଟି (ୟୁଡିପି)ର ୯ ବିଧାୟକ ଯୋଗାଯୋଗରେ ଥିବା କୁହାଯାଉଛି। ବିଜେପି ପରି ୟୁଡିପି ମଧ୍ୟ ଶାସକ ଏନ୍‌ପିପି ନେତୃତ୍ୱାଧୀନ ମେଣ୍ଟର ଏକ ଅଂଶ। ୬୦ ଜଣିଆ ବିଧାନସଭାରେ ବିଜେପିର ମାତ୍ର ଦୁଇ ଜଣ ବିଧାୟକ ଅଛନ୍ତି ଓ ଏହି ସମ୍ଭାବ୍ୟ ରାଜନୈତିକ କସରତ ପରେ ଦଳର ଶକ୍ତି ଦୁଇ ଅଙ୍କରେ ପହଞ୍ଚିବ। ୟୁଡିପି ବିଧାୟକ ଓ କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପି ନେତା ଅମିତ ଶାହଙ୍କ ମଧ୍ୟରେ ନିକଟରେ ହୋଇଥିବା ବୈଠକ ପରେ ରାଜନୈତିକ ଷଡ଼ଯନ୍ତ୍ର ଅଧିକ ଘନୀଭୂତ ହୋଇଛି। ୟୁଡିପି କହିଛି ଯେ, ଆଲୋଚନାରେ ବିଦେଶୀ ଅନୁଦାନ ନିୟନ୍ତ୍ରଣ ଆଇନ (ଏଫସିଆର୍ଏ) ଓ ମେଘାଳୟ ସମ୍ବନ୍ଧୀୟ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ କେନ୍ଦ୍ରିତ ଥିଲା।

ତେବେ ସଦ୍ୟତମ ଘଟଣାକ୍ରମର ପୃଷ୍ଠଭୂମିରେ ଏହି ବୈଠକ ବ୍ୟାପକ ରାଜନୈତିକ ଗୁରୁତ୍ୱ ହାସଲ କରିଛି। ବର୍ତ୍ତମାନ ବିଧାନସଭାରେ ୟୁଡିପିର ୧୨ ଜଣ ବିଧାୟକ ଅଛନ୍ତି। ଯଦି ଅତି କମ୍‌ରେ ଆଠ ଜଣ ବିଧାୟକ ଦଳ ଛାଡି ଦିଅନ୍ତି, ତେବେ ସେମାନେ ଦଳ ବଦଳ ବିରୋଧୀ ଆଇନକୁ ଏଡ଼ାଇ ପାରିବେ ଓ ଏହି ପଦକ୍ଷେପ ରାଜ୍ୟରେ ବିଜେପିର ରାଜନୈତିକ ପ୍ରଭାବକୁ ଯଥେଷ୍ଟ ବୃଦ୍ଧି କରିବ।

# ଆଇଏଏସ୍ ଦିବ୍ୟା ମିତ୍ତଲଙ୍କ ଇସ୍ତଫା ପରେ ରାଜନୀତି ତୀବ୍ର: ରାହୁଲ ଗାନ୍ଧୀଙ୍କ ସହିତ ସାକ୍ଷାତ ଓ ଉତ୍ତର ପ୍ରଦେଶ ନିର୍ବାଚନରେ ଭୂମିକାକୁ ନେଇ ଚର୍ଚ୍ଚା

ଲକ୍ଷ୍ନୌ: ଆଇଏଏସ୍ ଅଧିକାରୀ ଦିବ୍ୟା ମିତ୍ତଲ ଭାରତୀୟ ପ୍ରଶାସନିକ ସେବାରୁ ଇସ୍ତଫା ଦେଇଛନ୍ତି। ୨୦୧୩ ବ୍ୟାଚ୍ ଆଇଏଏସ୍ ଅଧିକାରୀ ରବିବାର ସୋସିଆଲ ମିଡିଆ ପୋଷ୍ଟରେ ଚାକିରିରୁ ଇସ୍ତଫା ଦେବାର ଘୋଷଣା କରିଥିଲେ। ଦିବ୍ୟା ମିତ୍ତଲଙ୍କ ଇସ୍ତଫା ଖବରକୁ ନେଇ ରାଜନୈତିକ ବିତର୍କ ଆରମ୍ଭ ହୋଇଯାଇଛି। ଦିବ୍ୟାଙ୍କ ଇସ୍ତଫାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ତାଙ୍କର ସାକ୍ଷାତ ଓ ୨୦୨୭ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ସହିତ ଯୋଡ଼ି ଦେଖାଯାଉଛି। ଉତ୍ତର ପ୍ରଦେଶ କ୍ୟାଡରର ଆଇଏଏସ୍ ଅଧିକାରୀ ତଥା ଦେଓରିଆ, ମିର୍ଜାପୁର ଏବଂ ସନ୍ଥ



କବୀର ନଗର ଜିଲ୍ଲାର ପୂର୍ବତନ ଜିଲ୍ଲା ମାଜିଷ୍ଟ୍ରେଟ୍ ଦିବ୍ୟା ମିତ୍ତଲଙ୍କ ଇସ୍ତଫାକୁ ନେଇ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଯୋଗୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ କହିଛନ୍ତି, ଏହି ସରକାରରେ ଦୁର୍ନୀତି ଏତେ ବ୍ୟାପକ ଯେ ସଚ୍ଚୋଟ ଅଧିକାରୀମାନେ କାମ କରିପାରୁନାହାନ୍ତି। ସେମାନେ ଇସ୍ତଫା ଦେଉଛନ୍ତି। ଅନ୍ୟପକ୍ଷରେ ବିଜେପି ମୁଖପାତ୍ର ପ୍ରଶାନ୍ତ ଉମରାଓ ସୋସିଆଲ ମିଡିଆରେ ଦାବି କରିଛନ୍ତି ଯେ, ଦିବ୍ୟା ମିତ୍ତଲ ରାହୁଲ ଗାନ୍ଧୀଙ୍କ ସହ ସାକ୍ଷାତ କରିବା ପରେ ଇସ୍ତଫା ଦେଇଛନ୍ତି। ସେ ଦାବି କରିଛନ୍ତି ଯେ, ଦିବ୍ୟାଙ୍କ ଇସ୍ତଫା ପଛରେ ଉଦ୍ଦେଶ୍ୟ ୟୁପି ନିର୍ବାଚନରେ କଂଗ୍ରେସର ଏଜେଣ୍ଡାକୁ ଆଗକୁ ବଢାଇବା। ଆଇଏଏସ୍ ହେବା ପୂର୍ବରୁ ଦିବ୍ୟା ମିତ୍ତଲ ଆଇଆଇଟି ଦିଲ୍ଲୀ ଓ ଆଇଆଇଏମ୍ ବାଙ୍ଗାଲୋରରେ ପାଠ ପଢ଼ି ଲଣ୍ଡନରେ ଚାକିରି କରିଥିଲେ।

# ଯୌନ ନିର୍ଯାତନା ମାମଲା : ତାମିଲନାଡୁର ୮୪ ବର୍ଷୀୟ ବ୍ୟବସାୟୀ ଓ ଦୁଇ ସହଯୋଗୀ ଗିରଫ

ତାମିଲନାଡୁ : ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ତାମିଲନାଡୁର ୮୪ ବର୍ଷୀୟ ବିଶିଷ୍ଟ ଶିଳ୍ପପତି ବୀରମଣି ଓ ତାଙ୍କ ସହଯୋଗୀ ଶାନ୍ତି ଏବଂ ଶାନ୍ତିଙ୍କ ସ୍ୱାମୀ ମହେନ୍ଦ୍ରିରା ଚିକ୍କନଙ୍କୁ ଗିରଫ କରାଯାଇଛି। ଏହି ମାମଲାଟି ୬ ଅକ୍ଟୋବର ୨୦୨୫ରେ ପ୍ରକାଶ ପାଇଥିଲା, ଯେତେବେଳେ ଜଣେ ଅଜଣା ବ୍ୟକ୍ତି ଗ୍ରେଟର ଚେନ୍ନାଇ ପୁଲିସର ଏକ କାର୍ଯ୍ୟାଳୟକୁ ଯାଇ ଏକ ଲିଖିତ ଅଭିଯୋଗ ସହିତ ଏକ ପେନ୍ ଡ୍ରାଇଭ ଦେଇଥିଲେ।


ପୁଲିସର କହିବା ଅନୁଯାୟୀ, ପେନ ଡ୍ରାଇଭରେ ଏକ ଭିଡିଓ ଥିଲା ଯେଉଁଥିରେ ବୀରମଣି ତାଙ୍କ ସହଯୋଗୀ ଶାନ୍ତିଙ୍କ ଘରର ଶୟନ କକ୍ଷ ଭିତରେ ଜଣେ ନାବାଳିକା ଝିଅକୁ ଯୌନ ନିର୍ଯାତନା ଦେଉଥିବାର ଦେଖାଯାଇଥିଲା। ଅଭିଯୋଗ ପରେ ଚେନ୍ନାଇ ପୁଲିସର କେନ୍ଦ୍ରୀୟ ଅପରାଧ ଶାଖା, ତଦନ୍ତ ବିଭାଗ ଅକ୍ଟୋବର ୭ ରେ ଏକ ମାମଲା ରୁଜୁ କରିଥିଲା। ପରବର୍ତ୍ତୀ ତଦନ୍ତ ସମୟରେ, ପୁଲିସ ଜାଣିପାରିଲା ଯେ ଭିଡିଓରେ ଦେଖାଯାଉଥିବା ବ୍ୟକ୍ତି ଜଣକ ଶିଳ୍ପପତି ବୀରମଣି। ବୀରମଣି, ଶାନ୍ତି ଓ ମହେନ୍ଦ୍ରିରା ଚିକ୍କନଙ୍କୁ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଥିଲା, ଯେଉଁଠାରେ ତିନି ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରାଧର ସମ୍ପୂର୍ଣ୍ଣ ପରିସ୍ଥିତି ପ୍ରତିଷ୍ଠା କରିବା ପାଇଁ ପୁଲିସ ଜବତ ସାମଗ୍ରୀ ଓ ଅନ୍ୟାନ୍ୟ ପ୍ରମାଣ ଯାଞ୍ଚ କରିବା ସହିତ ତଦନ୍ତ ଜାରି ରହିଛି। କର୍ତ୍ତୃପକ୍ଷ ଗିରଫ ହୋଇଥିବା ପ୍ରତ୍ୟେକ ଅଭିଯୁକ୍ତଙ୍କ ଭୂମିକା ଓ ଅନ୍ୟ ବ୍ୟକ୍ତିମାନେ ଏଥିରେ ସାମିଲ ଥିଲେ କି ନାହିଁ ତାହା ମଧ୍ୟ ଯାଞ୍ଚ କରୁଛନ୍ତି।

# ଗଣ୍ଡକରେ ବଢୁଛି ଜଳସ୍ତର, ବଢ଼ିଲା ଚିନ୍ତା; ୧୦ ଘଣ୍ଟାରେ ୫୩,୮୦୦ କ୍ୟୁସେକ୍ ବଢ଼ିଲା ଡିସଚାର୍ଜ



ବିହାର : ବିହାରରେ ପୁଣି ଚିନ୍ତା ବଢ଼ାଇଲା ଗଣ୍ଡକ ନଦୀ । ରବିବାର ଦିନ ଗଣ୍ଡକ ନଦୀର ଜଳସ୍ତର ଲଗାତାର ବଢ଼ିବାରେ ଲାଗିଛି । ୱାଲ୍ମିକୀନଗର ଗଣ୍ଡକ ବ୍ୟାରେଜରୁ ପାଣି ଡିସଚାର୍ଜ ମଧ୍ୟ ଦ୍ରୁତ ଗତିରେ ବଢ଼ିଛି । ସକାଳ ୮ଟାରେ ବ୍ୟାରେଜରୁ ୧ ଲକ୍ଷ ୨୪ ହଜାର କ୍ୟୁସେକ୍ ପାଣି ଛଡ଼ାଯାଉଥିଲା । ତେବେ ସନ୍ଧ୍ୟା ୬ଟା ସୁଦ୍ଧା ଏହା ବଢ଼ି ୧ ଲକ୍ଷ ୭୭ ହଜାର ୮୦୦ କ୍ୟୁସେକ୍?ରେ ପହଞ୍ଚିଛି । ଅର୍ଥାତ୍? ମାତ୍ର ୧୦ ଘଣ୍ଟାରେ ୫୩ ହଜାର ୮୦୦ କ୍ୟୁସେକ୍ ପାଣି ଡିସଚାର୍ଜ ବଢ଼ିଛି । କେବଳ ଡିସଚାର୍ଜ ନୁହେଁ, ଗଣ୍ଡକର ଜଳସ୍ତର ମଧ୍ୟ ବଢ଼ିଛି । ସକାଳ ୮ଟାରେ ବ୍ୟାରେଜର ଅପଷ୍ଟ୍ରିମ୍ ଜଳସ୍ତର ୩୫୪.୪୦ ଫୁଟ୍ ଥିବାବେଳେ ସନ୍ଧ୍ୟାରେ ଏହା ୩୫୬.୩୦ ଫୁଟ୍?ରେ ପହଞ୍ଚିଛି । ଅର୍ଥାତ୍ ଜଳସ୍ତରରେ ୧.୯୦ ଫୁଟ୍ ବୃଦ୍ଧି ହୋଇଛି । ସେହିପରି ଡାଉନଷ୍ଟ୍ରିମ୍ ଜଳସ୍ତର ମଧ୍ୟ ୩୫୧.୬୦ ଫୁଟ୍?ରୁ ବଢ଼ି ୩୫୩.୬୦ ଫୁଟ୍?ରେ ପହଞ୍ଚିଛି । ଏଠାରେ ମଧ୍ୟ ୨ ଫୁଟ୍ ଜଳସ୍ତର ବୃଦ୍ଧି ରେକର୍ଡ ହୋଇଛି । ଗଣ୍ଡକର ଜଳସ୍ତର ବଢ଼ିବା ପରେ ନଦୀ କୂଳିଆ ଅଞ୍ଚଳରେ ପ୍ରଶାସନର ନଜର ବଢ଼ିଛି । ଜଳସମ୍ପଦ ବିଭାଗ ପକ୍ଷରୁ ନଦୀର ଜଳସ୍ତର ଓ ଡିସଚାର୍ଜ ଉପରେ ନିରନ୍ତର ନଜର ରଖାଯାଉଛି । ଗଙ୍ଗା ନଦୀର ଜଳସ୍ତର ମଧ୍ୟ ବଢ଼ିବାର ଆଶଙ୍କା ରହିଛି । ବିଭାଗୀୟ ଅଧିକାରୀଙ୍କ କହିବା ଅନୁସାରେ, ବର୍ତ୍ତମାନ ବିପଦ ଟଳିନଥିଲେ ମଧ୍ୟ ପରିସ୍ଥିତି ଉପରେ କଡ଼ା ନଜର ରହିଛି । ତେବେ ବର୍ଷା ନହେବା ସତ୍ତ୍ୱେ ଗଣ୍ଡକର ଜଳସ୍ତର ବଢ଼ିବା ପ୍ରଶାସନର ଚିନ୍ତା ବଢ଼ାଇଛି ।

# ଉଜବେକିସ୍ତାନ ସହ ଭାରତର ବଡ଼ ଡିଲ୍ୟୁ, ୟୁରାନିୟମ୍ ଯୋଗାଣରେ ମିଳିଲା ସଫଳତା



ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ଯୁଦ୍ଧର ମାହୋଲ ଭିତରେ ଭାରତର ବିଦେଶ ନୀତିକୁ ମିଳିଛି ବଡ଼ ସଫଳତା। ଦୁଇ ଦିନିଆ ଉଜବେକିସ୍ତାନ ଗସ୍ତ ସମୟରେ ଭାରତ ଓ ଉଜବେକିସ୍ତାନ ମଧ୍ୟରେ ୟୁରାନିୟମ୍ ଯୋଗାଣକୁ ନେଇ ହୋଇଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା । ଭାରତକୁ ଦୀର୍ଘମିଆଦୀ ୟୁରାନିୟମ୍ ଯୋଗାଣ ପାଇଁ ଉଭୟ ଦେଶ ଏକ ଚୁକ୍ତି କରିବା ଦିଗରେ ଆଗକୁ ବଢ଼ିଛନ୍ତି। ଏଥିସହ ୨୦୩୦ ସୁଦ୍ଧା ଭାରତ ଓ ଉଜବେକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୫ ବିଲିୟନ୍ ଡଲାରରୁ ଅଧିକ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ମଧ୍ୟ ଏସିଆର କେନ୍ଦ୍ରସ୍ଥଳରେ ଉଜବେକିସ୍ତାନର ରଣନୈତିକ ଗୁରୁତ୍ୱ ରହିଛି । ଭାରତ ଓ ଉଜବେକିସ୍ତାନର ମଜବୁତ ସମ୍ପର୍କ ମଧ୍ୟ ଏସିଆରେ ଶାନ୍ତି, ପ୍ରଗତି ଓ ସମୃଦ୍ଧି ପାଇଁ ଏକ ଶକ୍ତିଶାଳୀ ଭୂମିକା ନେବ।

ବିଦେଶ ମନ୍ତ୍ରଣାଳୟର ପଶ୍ଚିମ ବିଭାଗର ସଚିବ ସିବି ଜର୍ଜ କହିଛନ୍ତି, ଭାରତକୁ ୟୁରାନିୟମ୍ ଯୋଗାଣ ନେଇ ଉଭୟ ଦେଶ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି। ଦୀର୍ଘମିଆଦୀ ଯୋଗାଣ ପାଇଁ ଖୁବ୍‌ଶୀଘ୍ର ଏକ ଚୁକ୍ତି ସ୍ୱାକ୍ଷର ହେବାର ସମ୍ଭାବନା ରହିଛି। ଏହା ସହ ଭାରତ-ଉଜବେକିସ୍ତାନ ସମ୍ପର୍କକୁ 'ବ୍ୟାପକ ରଣନୈତିକ ସହଭାଗିତା' ସ୍ତରକୁ ଉନ୍ନୀତ କରାଯାଇଛି। ଦୁଇ ଦେଶ ମଧ୍ୟରେ ବିଦେଶ ମନ୍ତ୍ରୀ ସ୍ତରରେ ନୂଆ ସମନ୍ୱୟ ବ୍ୟବସ୍ଥା ଗଠନ କରାଯିବ। ଭାରତ-ଉଜବେକିସ୍ତାନ ଆର୍ଥିକ ସମ୍ପର୍କକୁ ଆହୁରି ମଜବୁତ କରିବା ଉପରେ ଦୁଇ ଦେଶ ଗୁରୁତ୍ୱ ଦେଇଛନ୍ତି । ୨୦୩୦ ସୁଦ୍ଧା ବାଣିଜ୍ୟକୁ ୫ ବିଲିୟନ୍ ଡଲାରରୁ ଅଧିକ କରିବା ସହ ଇନ୍‌ଫ୍ରାଷ୍ଟ୍ରକ୍ଚର, ଡିଜିଟାଲ୍ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର, ଏଆଇ, ଗୁରୁତ୍ୱପୂର୍ଣ୍ଣ ଖଣିଜ, ଶକ୍ତି ଓ ମହାକାଶ କ୍ଷେତ୍ରରେ ସହଯୋଗ ବଢ଼ାଇବାକୁ ନିଷ୍ପତ୍ତି ହୋଇଛି। ବ୍ୟବସାୟ ପାଇଁ ବଜାର ପ୍ରବେଶକୁ ସହଜ କରିବା ସହ ଯୋଗାଯୋଗ, ବ୍ୟାଙ୍କିଙ୍ଗ୍ ଓ ପେମେଣ୍ଟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ।

ଭାରତ ଓ ଉଜବେକିସ୍ତାନ ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ସହଯୋଗ ବଢ଼ାଇବାକୁ ରାଜି ହୋଇଛନ୍ତି। ଦୁଇ ଦେଶର ପ୍ରତିରକ୍ଷା ଶିଳ୍ପ ମଧ୍ୟରେ ସିଧାସଳଖ ଯୋଗାଯୋଗ ବଢ଼ାଇବା ସହ ସାମରିକ ଉପକରଣର ଯୁଗ୍ମ ବିକାଶ ଓ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯିବ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭାରତ ଓ ଉଜବେକିସ୍ତାନ ମଧ୍ୟରେ ରହିଥିବା ଘନିଷ୍ଠ ପ୍ରତିରକ୍ଷା ଓ ସୁରକ୍ଷା ସମ୍ପର୍କ ପରସ୍ପର ମଧ୍ୟରେ ଥିବା ବିଶ୍ୱାସର ପ୍ରତୀକ। ଆଗାମୀ ଦିନରେ ପ୍ରତିରକ୍ଷା ଶିଳ୍ପରେ ମିଳିତ ବିକାଶ ଓ ଉତ୍ପାଦନକୁ ଆହୁରି ବଢ଼ାଯିବ। ଆତଙ୍କବାଦ, ଉଗ୍ରବାଦ ଓ ବିଚ୍ଛିନ୍ନତାବାଦକୁ ଉଭୟ ଦେଶ ଗୁରୁତର ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଛନ୍ତି। ଏହି ଆହ୍ୱାନଗୁଡ଼ିକ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଜାରି ରଖିବାକୁ ଭାରତ ଓ ଉଜବେକିସ୍ତାନ ସହମତ ହୋଇଛନ୍ତି। ଉଭୟ ଦେଶ ମଧ୍ୟରେ ସମସ୍ତ କ୍ଷେତ୍ରର ସହଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ବିଦେଶ ମନ୍ତ୍ରୀ ସ୍ତରରେ ଏକ ନୂଆ କୋଅର୍ଡିନେସନ୍ କାଉନସିଲ୍ ଗଠନ କରାଯିବ। ଉଜବେକିସ୍ତାନର ଦୁଇ ଦିନିଆ ଗସ୍ତ ଶେଷ କରିବା ପରେ ପ୍ରଧାନମନ୍ତ୍ରୀ ମୋଦୀ ଏବେ ୨୬ତମ ଶାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ କିର୍ଗିଜସ୍ତାନ ଗସ୍ତ କରିବେ।

